ଧରିତ୍ରୀ
DHARITRI
October 10-16, 2021 ₹ 2/-



୩
ପ୍ରଚ୍ଛଦ ପ୍ରସଙ୍ଗ

# ମା’ ହାତରେ ମା

ମା’ଙ୍କ ଆବାହନୀ ପାଇଁ ସଜେଇ ହେଲାଣୀ ଧରା। ଚଳଚଞ୍ଚଳ ହେଲାଣି ପୂରପଲ୍ଲୀ। ଶିଳ୍ପୀ ଦେଲେଣି ମୂର୍ତ୍ତିରେ ଶେଷସ୍ପର୍ଶ । ତେବେ ପୁରୁଷ ମୂର୍ତ୍ତି କାରିଗର ବଦଳରେ କେତେଜଣ ମହିଳା ମୂର୍ତ୍ତି କାରିଗର ରୂପ ଦେଉଛନ୍ତି ମା’ଙ୍କୁ....

# ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜା କରିବାର ନିୟମ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜାକୁ ସଫଳ ଓ ଫଳଦାୟୀ କରିବାକୁ ହେଲେ ଦେବୀଦେବତାଙ୍କର ପ୍ରତିମା ସ୍ଥାପନାଠୁ ଆରମ୍ଭ କରି ତାଙ୍କୁ ଆରାଧନା କରିବା ପର୍ଯ୍ୟନ୍ତ ସବୁ ପାଇଁ କିଛି ନା କିଛି ନିୟମ ମାନିବାକୁ ହୋଇଥାଏ; ଯଦ୍ଵାରା ଦେବଦେବୀଙ୍କର ଆଶିଷ ଲାଭ ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ...**

*ଘରେ ଦେବଦେବୀଙ୍କ ପ୍ରତିମା ସ୍ଥାପନା କରିବା ପୂର୍ବରୁ ଘରକୁ ଭଲ ଭାବରେ ସଫାସୁତୁରା କରି ଅନାବଶ୍ୟକ ଜିନିଷକୁ ଘରୁ ବାହାର କରିଦେବା ଦରକାର। କାରଣ ବେକାର ପଡ଼ିଥିବା ଜିନିଷ



ଘରେ ନକାରାତ୍ମକ ଉର୍ଜ୍ଜା ସୃଷ୍ଟି କରିଥାଏ।

*ସେହିପରି ଦେବଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତି କି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏପରି କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ଅନ୍ୟପକ୍ଷେ କୁହାଯାଏ, ଠାକୁର ଘରର କାନ୍ଥରେ ସିନ୍ଦୂରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭ ଲକ୍ଷଣ ହୋଇଥାଏ।

*ଠାକୁର ପୂଜାରେ ତମ୍ବା କିମ୍ବା ପିତଳ ବାସନକୁସନର ବ୍ୟବହାର କରିବା ଭଲ। ଆପଣ ଚାହିଁଲେ ରୁପାର ଥାଳି ଓ ଜଳପାତ୍ରକୁ ମଧ୍ୟ ପୂଜାରେ ବ୍ୟବହାର କରିପାରିବେ।

*ତା'ଛଡ଼ା ଘରର ମୁଖ୍ୟ ଦ୍ୱାରରେ ବି ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧୦-୧୬**

**ମେଷ**
ସଫଳତା ପାଇବେ, କାରବାରରେ ଉନ୍ନତି, ଅର୍ଥଲାଭରୁ ଆନନ୍ଦ, ଅନ୍ୟମାନେ ଦାଉ ସାଧିବେ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ଲୋକସମ୍ପର୍କ ବୃଦ୍ଧି, ମନ ପ୍ରଫୁଲ୍ଲ ରହିବ। ନିଷ୍ପତି ବଦଳେଇବେ, ଶାରୀରିକ ସୁସ୍ଥତା, ମିତ୍ରତା ସୃଷ୍ଟି କରିପାରନ୍ତି ॥

**ବୃଷ**
ବନ୍ଧୁ ସହ କଳହ, ଆଲୋଚନାକୁ ନିମନ୍ତ୍ରଣ, ଅତିଥି ସେବାରୁ ଆନନ୍ଦ, ସୌଖୀନ ଦ୍ରବ୍ୟ କ୍ରୟ, ସହକର୍ମୀଙ୍କ ପରାମର୍ଶ, ଆନୁଷ୍ଠାନିକ କାମରେ ପ୍ରଶଂସା, ଆୟତୁଳନାରେ ବ୍ୟୟ ବୃଦ୍ଧି, ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ ॥

**ମିଥୁନ**
ଶାରିରୀକ ସୁସ୍ଥତା, ବୃତିଗତ ବିଶୃଙ୍ଖଳା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ସମ୍ପର୍କ ଯୋଡିବେ, ଭ୍ରମଣ ହେତୁକ କ୍ଳାନ୍ତି, ଅବହେଳାରୁ ଅନୁତାପ, ସାହିତ୍ୟରେ ଉନ୍ନତି, ଆତ୍ମନିର୍ଭରଶୀଳ ହୋଇପାରନ୍ତି, ଦୂରଯାତ୍ରା ପାଇଁ ପ୍ରସ୍ତୁତି ॥

**କର୍କଟ**
ଭୁଲ୍ କାମରୁ ଅନୁତାପ, ଅର୍ଥ ଲାଭ ଅବଶ୍ୟମ୍ଭାବି, ଅନିଦ୍ରା ଜନିତ ପୀଡା, କାମଟି ବିଳମ୍ବରେ ହେବ, ମଜଲିସ୍‌ର ମଉକା, ସହକର୍ମୀଙ୍କ ଅସହଯୋଗ, ପଡୋଶୀଙ୍କ ପ୍ରତାରଣା, କ୍ରୀଡା ଚଳଚ୍ଚିତ୍ରରେ ସମସ୍ୟା, ଭ୍ରମଣ ସୁଯୋଗ ପାଇବେ ॥

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟା, ଅଭିଯୋଗ ଆସିପାରେ, ବୁଝାମଣା ନେଇ ତିକ୍ତତା, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା। ଧାର କରିବାକୁ ପଡିପାରେ, ବନ୍ଧୁଙ୍କୁ ମିଶିବେ, ମକଦ୍ଦମାରେ ବିଜୟ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

**କନ୍ୟା**
ବନ୍ଧୁଙ୍କ ସଦ୍‌ଭାବ, ଅଧିକ ଧନ ପାଇବେ, କାମ ଅଟକିବ ନାହିଁ, ଅଧ୍ୟାପନାରେ ଉନ୍ନତି କରିବେ, ଲକ୍ଷ୍ୟ ପୂରଣ ହେବ। ଦୁର୍ଭାବନା ବଢିଚାଲିବ, ବାଣିଜ୍ୟରେ ପ୍ରତିବନ୍ଧକ, ଦୂରଯାତ୍ରାର ପ୍ରସ୍ତୁତି, ଶ୍ରମଜନିତ କ୍ଳାନ୍ତିବୋଧ ॥

**ତୁଳା**
ସୁସ୍ଥମାନସିକତା, ଦ୍ୱନ୍ଦର ଅବସାନ, ବ୍ୟବସାୟିକ ସଫଳତା, ଲୋକ ସମ୍ପର୍କ ବୃଦ୍ଧି, ଫଳପ୍ରଦ ଆଲୋଚନା, ପରିବାରରେ ବିତର୍କ ସୃଷ୍ଟି, ବନ୍ଧୁଙ୍କ ଅସହଯୋଗ, ସମ୍ପର୍କହାନୀରୁ ଦୁଃଶ୍ଚିନ୍ତା, ମକଦ୍ଦମାରେ ବାଇଦା, ପରିସ୍ଥିତିର ମୁକାବିଲା ॥

**ବିଛା**
ସୁଯୋଗ ହାତଛଡା ହେବ, ବ୍ୟୟାଧିକ୍ୟରୁ ବ୍ୟସ୍ତତା, ପାରିବାରିକ ସମସ୍ୟା, ଅନଟନ ଦୂରେଇବ, ପରିସ୍ଥିତିକୁ ସମ୍ଭାଳିବେ, କର୍ମମୁଖର ହେବେ, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ॥


**ଧନୁ**
ଯୋଜନାବଦ୍ଧ କାମକରିବେ, ବନ୍ଧୁଙ୍କ ସାହାଯ୍ୟ ମିଳିବ, ଭ୍ରମଣ ସୁଯୋଗ ଜୁଟିବ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପରିବାରର ସମର୍ଥନ ଲାଭ, ମନୋରଞ୍ଜନ କାର୍ଯ୍ୟକ୍ରମ, ଠକାମିରେ ପଡିପାରନ୍ତି, ଶିଳ୍ପ ବାଣିଜ୍ୟରେ ଉନ୍ନତି ॥

**ମକର**
ମାନସିକ ପ୍ରଫୁଲ୍ଲତା, ନୂଆ ବନ୍ଧୁ ଜୁଟିବେ, ଶୁଭ ଖବର ମିଳିବ, ଭ୍ରମଣ ପ୍ରିୟ ହେବେ, ପ୍ରଶାସନିକ ସଫଳତା, କଳାସାହିତ୍ୟରେ ଉନ୍ନତି, ଅଶାନ୍ତିକର ପରିବେଶ, ଆତ୍ମୀୟମାନେ ଶତ୍ରୁତା କରିବେ, ନୀଚ ସଂସର୍ଗରୁ ଅପନିନ୍ଦା ॥

**କୁମ୍ଭ**
ବିବାଦୀୟ ପରିସ୍ଥିତି, ପ୍ରତୀକ୍ଷିତ ଖବର ପ୍ରାପ୍ତି, ବୃଥା ସନ୍ଦେହରୁ କଳହ, ବ୍ୟବହାରରେ ପରିବର୍ତ୍ତନ, ଅର୍ଥ ଆଦାୟରୁ ବିତର୍କ, ଡାକ୍ତରଙ୍କ ପରାମର୍ଶ, ନୂତନ କାର୍ଯ୍ୟାରମ୍ଭ, ସମ୍ମାନିତ ହେବେ, ସମ୍ପର୍କୀୟଙ୍କ ସହ ମିତ୍ରତା, ରୋଗର ପୀଡା ବୃଦ୍ଧି ॥

**ମୀନ**
ଆର୍ଥିକ ଅନଟନ, ଆତ୍ମୀୟଙ୍କ ସହୃଦୟତା, ଖୁସିରେ ଦିନ କାଟିବେ। ଭ୍ରମଣ ଓ କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ସମାଲୋଚନା, ଅତିଥି ଚର୍ଚ୍ଚାରୁ ଖୁସି ହେବେ, ନୂତନ କର୍ମସଂସ୍ଥାନ। ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ, ପର ପାଇଁ ହଇରାଣ ॥

# ମା'



**ମ**ଣିଷ ସମାଜକୁ ଭଗବାନଙ୍କର ସବୁଠୁ ମୂଲ୍ୟବାନ ଉପହାର ହେଉଛି ମା'। କାରଣ ସେ ହେଉଛି କରୁଣାମୟୀ, ସେ ହେଉଛି ଜଗଧାତ୍ରୀ। ତା' ପଣତରେ ମୁଣ୍ଡ ଗୁଞ୍ଜି ଦେଲେ କୌଣସି ବିପଦକୁ ଡର ନଥାଏ। କୋଳରେ ତା'ର ଟିକେ ମଥା ରଖିଦେଲେ ମନରୁ ସବୁ ବୋଝ ହାଲ୍‌କା ହୋଇଗଲା ପରି ଲାଗେ। ସିଏ ଆଶୀର୍ବାଦଭରା ହାତ ମୁଣ୍ଡ ଉପରେ ଟିକେ ବୁଲେଇଦେଲେ ତା' ସନ୍ତାନ କୌଣସି କ୍ଷେତ୍ରରେ ହାର୍ ମାନେ ନାହିଁ ବୋଲି ବିଶ୍ୱାସ କରାଯାଇଥାଏ। ଏହି ମା' ତା'ର ଆୟୁଷକୁ ବାଜି ଲଗେଇ ବାତ୍ସଲ୍ୟର ଗଙ୍ଗାଧାର ଦେଇ, ନିଜ ସନ୍ତାନ ପାଇଁ ଦଧିଚି ସାଜି ସମର୍ପି ଦେଇଥାଏ ନିଜର ତମାମ ଜୀବନ। ସନ୍ତାନକୁ ରକ୍ଷା କରିବା ପାଇଁ ସବୁ ଝଡ଼ ଆଗରେ ଛାତି ପତେଇ ଠିଆ ହୋଇଯିବାର କ୍ଷମତା ବି ରଖିଥାଏ ସେ। ସେଥିପାଇଁ ମା' ସବୁବେଳେ ନମସ୍ୟା ଓ ପୂଜ୍ୟା। ଶାରଦୀୟ ଦୂର୍ଗାପୂଜା ଉପଲକ୍ଷେ ମା' ଜଗଦମ୍ବା ଓ ପୃଥିବୀର ସମସ୍ତ ମା'ମାନଙ୍କୁ ଆମର କୋଟି କୋଟି ପ୍ରଣାମ।

# ପାଠକୀୟ

*ଗାନ୍ଧିଜୀଙ୍କୁ କିଏ ତାଙ୍କ ଖାଦ୍ୟଶୈଳୀରୁ ବୁଝିଲେ ତ କିଏ ତାଙ୍କ ବସ୍ତ୍ର ପିନ୍ଧିବାରୁ ବୁଝିଲେ। ହେଲେ ଗାନ୍ଧୀ ଚିନ୍ତାଧାରା ଆସ୍ତେ ଆସ୍ତେ ଗୌଣ ହୋଇଗଲା। ତଥାପି କିଛି ଗାନ୍ଧୀ ଆଦର୍ଶର ମଣିଷ ଅଛନ୍ତି, ଯେଉଁମାନେ ତାଙ୍କ କଥାକୁ ନେଇ, ତତ୍ତ୍ୱକୁ ନେଇ ନୀରବ ସଂଗ୍ରାମ କରିଚାଲିଛନ୍ତି। ସେମିତି କେତେଜଣ ବିଶିଷ୍ଟ ଗାନ୍ଧୀବାଦୀ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗାନ୍ଧୀ ପଥର ପଥିକ'ରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଦିଗ ଅନୁଯାୟୀ ଫଳ' ପାଠଟିରୁ ଅନେକ କିଛି ଶିଖିବାକୁ ମିଳିଲା।
*–ପ୍ରଜ୍ଞାପାରମିତା ସାହୁ, ବାଳକାଟି, ଆଳି, କେନ୍ଦ୍ରାପଡ଼ା*

*ମହାତ୍ମା, ବାପୁଜୀ, ଜାତିର ଜନକ, ଗାନ୍ଧିଜୀ, ବାପୁ ଏମିତି କେତେ ନାଁରେ ସେ ପରିଚିତ ଜନମାନସରେ। ଆମ ଦେଶର ସ୍ୱାଧୀନତା ସଂଗ୍ରାମର ସେ ଥିଲେ କର୍ଣ୍ଣଧାର। ତାଙ୍କ ବ୍ୟକ୍ତିତ୍ୱର ମହାନତାର ଆକର୍ଷଣ ଅଦ୍ଭୁତ। ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ପଥରେ ପଥିକ ହୋଇଥିବା କେତେଜଣ ଗାନ୍ଧୀବାଦୀ କର୍ମୀଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇପାରିଥିଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଳ୍ପୀ କଳିଙ୍ଗ ମହାରଣାଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା।
*–ରାମଚନ୍ଦ୍ର ତ୍ରିପାଠୀ, ବୀରହରେକୃଷ୍ଣପୁର, ପୁରୀ*

*ସିନେମା ପୃଷ୍ଠାରେ ସ୍ଥାନିତ 'କେଦାର ଗୌରୀ', 'ଲାଜକୁଳୀ ବାଣୀ' 'ଅନୁଭୂତି ବାଣ୍ଟୁଛନ୍ତି ପ୍ରିୟଙ୍କା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରେ ସ୍ଥାନିତ ଆକାଶବାଣୀର ଅବସରପ୍ରାପ୍ତ ସିନିୟର୍ ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ୍, ନାଟ୍ୟ ଅଭିନେତା ତଥା ନିର୍ଦ୍ଦେଶକ କିଶୋର ମହାନ୍ତିଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ମଧ୍ୟ ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଥିଲା।
*–ମମତା ମହାନ୍ତି, ଜଟଣୀ*

*'ବାପୁଙ୍କ ପ୍ରିୟ ଖାଦ୍ୟ' ଆଲେଖ୍ୟଟି ଏକ ନିଆରା ବିଷୟ ଥିଲା। ଏଥିରୁ ବାପୁଜୀଙ୍କୁ କ'ଣ ସବୁ ଖାଇବାକୁ ଭଲ ଲାଗୁଥିଲା ସେ ବିଷୟରେ ଜାଣିହେଲା। ସେହିପରି ମଡେଲ୍ ସୂଚୀଶ୍ରୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଳିଆ ଥିଲା। ଭାରତର କେଉଁଠି କେଉଁଠି ଗାନ୍ଧୀ ମ୍ୟୁଜିୟମ୍ ଅଛି ସେ ସମ୍ପର୍କରେ ଅନେକ ତଥ୍ୟ ସହରଠୁ ଦୂର ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। *–କିଶୋର ଶତପଥୀ, ଝାରସୁଗୁଡ଼ା*

*ବିବିଧା ପୃଷ୍ଠାରେ ସ୍ଥାନିତ 'ଟ୍ରାଭେଲ୍ ପିଲ୍ଲୋ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସୁନା ଚେନ୍‌ରେ କେଶ', 'ହବି ହର୍ସିଂ', 'ପିଠିରେ ସିଗ୍ନେଚର ଟାଟୁ' ଆଦି ପାଠଗୁଡ଼ିକ ଖୁବ୍ ରୋମାଞ୍ଚକର ଥିଲା। ଅନ୍ୟପକ୍ଷେ 'ଚିନ୍ମୟ ଚିନ୍ତନ' ସ୍ତମ୍ଭରେ ସ୍ଥାନିତ 'ମୋ ଚାରି ସ୍ତ୍ରୀଙ୍କ କଥା!' ଆଲେଖ୍ୟଟି ବି ଖୁବ୍ ଶିକ୍ଷଣୀୟ ହୋଇପାରିଥିଲା। *–ମନସ୍ୱିନୀ ପ୍ରଧାନ, ବାଲେଶ୍ୱର*

## ବିଶେଷ ଚିଠି



ଛୁଟିଦିନ ମୋର ଛୁଟିଦିନ
ତୁମ ପରି କେହି ନୁହେଁ ସମ,
ପ୍ରଚ୍ଛଦ ତୁମର ଅତି ଚମତ୍କାର
ଶିଖାଏ ସଭିଙ୍କୁ କଥା ଦୁନିଆର,
ବାସ୍ତୁ ବି ଦିଏ ଅନେକ ବାର୍ତ୍ତା
ସାଥୀ ପୁଣି କହେ ପ୍ରେମର କଥା,
ନୂଆ ଜାଗା ବୁଲାଇ ନିଏ ସହରଠୁ ଦୂର
କେତେ କଥା ଶିଖାଏ ବ୍ୟାକ୍‌ପେଜ୍ ତୁମର,
ଏହିପରି ଷୋହଳ ପୃଷ୍ଠାରେ ତୁମେ ଆସ
କରିନିଅ ପୁଣି ସଭିଙ୍କୁ ବସ,
ପ୍ରଭୁଙ୍କୁ କରୁଛି ଏତିକି ମିନତି
ସଦୟ ହୋଇଥାନ୍ତୁ ତୁମକୁ ଏମିତି।
*–ସ୍ୱୟଂ ବିଶ୍ୱାଳ, ଜଗତ୍‌ସିଂହପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ମା' ହାତରେ ମା'

**ମା' ସେ ଶକ୍ତିରୂପିଣୀ, ସୃଷ୍ଟିକାରିଣୀ। ଆଶୀଷର ବାରିଧାରା ଢାଳିବା ପାଇଁ ସେ କରନ୍ତି ଧରାବତରଣ। ସେଇଥିପାଇଁ ତ କାଶତଣ୍ଡୀ ଫୁଲରେ ସଜେଇ ହେଲାଣି ଧରା। ଚଳଚଞ୍ଚଳ ହେଲାଣି ପୁରପଲ୍ଲୀ। ମା'ଙ୍କ କମନୀୟ ମୂର୍ତ୍ତିରେ କାରିଗର ଦେଲେଣି ଶେଷସ୍ପର୍ଶ। ତେବେ କିଛି ସ୍ଥାନରେ ଏବେ ଆଉ ଚିରାଚରିତ ଧାରାରେ ପୁରୁଷ ନୁହେଁ ବରଂ ମା'ଙ୍କୁ ରୂପ ଦେଉଛନ୍ତି କିଛି ନାରୀ। ସେମାନେ ମା'ଙ୍କର ମା' ସାଜି ଗଢୁଛନ୍ତି ତାଙ୍କ କମନୀୟ ରୂପକୁ...**



**କୁମାରତୁଲୀର ଚିନା ପାଲ:** ମାଟି ମୂର୍ତ୍ତିର କାରିଗରୀ ପାଇଁ ଉତ୍ତର କଲିକତାର କୁମାରତୁଲୀ ବେଶ୍ ପ୍ରସିଦ୍ଧ। ପାର୍ବଣ ଋତୁ ଆସିଲେ ଏହି ଅଞ୍ଚଳ ହୋଇଉଠେ ଚଳଚଞ୍ଚଳ। ଏମିତିକି ଏଠାକାର ମୂର୍ତ୍ତି ରପ୍ତାନୀ ମଧ୍ୟ ହୁଏ। ତେବେ ଦିନେ ଥିଲା ଏଠାରେ ପୁରୁଷ କାରିଗରଙ୍କର ଥିଲା ପ୍ରାଧାନ୍ୟ। ହେଲେ ୧୯୯୪ ମସିହାରେ ଦେବୀ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ଘଟିଲା ଏକ ବିରାଟ ପରିବର୍ତ୍ତନ। ପ୍ରସିଦ୍ଧ ମୂର୍ତ୍ତିକାର ହେମନ୍ତ ପାଲ ରୁଗ୍ଣ ହୋଇଗଲେ। ଆଉ ଦୁର୍ଗାପୂଜାର କିଛି ଦିନ ପୂର୍ବରୁ ତାଙ୍କର ଦେହାନ୍ତ ହେଲା। ହେମନ୍ତଙ୍କ ଦୁଇ ପୁଅଙ୍କର ମୂର୍ତ୍ତି ଗଢିବାରେ ନ ଥିଲା ଆଗ୍ରହ। ତେଣୁ ବାପାଙ୍କ ପରମ୍ପରାକୁ ଆଗକୁ ବଢାଇବା ପାଇଁ ଶେଷରେ ଝିଅ ଚିନା ପାଲ୍ ଆଗେଇ ଆସିଥିଲେ। ଆଉ ମା'ଙ୍କ ମୂର୍ତ୍ତି ଗଢିବା ଆରମ୍ଭ କଲେ। ତାଙ୍କ ହାତର ଜାଦୁରେ ମା' ଯେମିତି ଜୀବନ୍ତ ହୋଇଉଠୁଥିଲେ। ଫଳରେ ତାଙ୍କ ମୂର୍ତ୍ତିର ଚାହିଦା ବଢିଲା। ଏବେ ତ କୁମାରତୁଲୀ କହିଲେ ଚିନା ପାଲଙ୍କୁ ବୁଝାଉଛି। ଆଉ ସେ ମା'ଙ୍କ ମୂର୍ତ୍ତି ଗଢୁଥିବା ପ୍ରଥମ ମହିଳାଭାବେ ମଧ୍ୟ ପରିଚିତ। ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ସେ ୩୦ଟି ମୂର୍ତ୍ତି ଗଢିଥାନ୍ତି। ମହିଳାମାନେ ଯେ, ଏହି ପୁରୁଷ ପ୍ରାଧାନ୍ୟ କାମକୁ ଆପଣେଇ ଜୀବନ ଅତିବାହିତ କରିପାରିବେ ସେକଥା ସେ ପ୍ରମାଣ କରି ଦେଖାଇଦେଲେ। ଏବେ ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ମୂର୍ତ୍ତି ମହିଳାମାନେ ଗଢୁଥିବା ଦେଖିବାକୁ ମିଳୁଛି।

**ମା' ବୋଧେ ଚାହାନ୍ତି ମୁଁ ତାଙ୍କୁ ଗଢ଼େ:** 'ଜେଜେବାପା ଅମଳରୁ ଆମର ମାଟି କାମ ହୋଇଆସୁଛି। ମୋ ବାପା ନାରାୟଣ ମହାରଣା ଜଣେ ଜାତୀୟ ସ୍ତରର କଳାକାର ଥିଲେ। ସେ ପୁରୀ ରଥଯାତ୍ରା ପାଇଁ ତିଆରି ତିନି ରଥକୁ ସଜାଉଥିଲେ। ତା' ସହିତ ପଟଚିତ୍ର କରି ଓ ମୂର୍ତ୍ତି ଗଢ଼ି ଅନେକ ନାଁ କମେଇଥିଲେ। ସେ ପଦ୍ମଶ୍ରୀ ସମ୍ମାନ ପାଇଁ ବି ମନୋନିତ ହୋଇଥିଲେ। ଛୋଟବେଳରୁ ସେ ହିଁ ମତେ ମୂର୍ତ୍ତି କାମ ଓ ଚିତ୍ର କରିବା ଶିଖେଇଥିଲେ। ଭୁଲ ହେଉ କି ଠିକ୍ ବାବା କିଛି କୁହନ୍ତିନି। ଥରେ ଭୁଲ ହେଲେ ଆରଥରକୁ ଠିକ୍ ହେବ କୁହନ୍ତି। ତାଙ୍କରି ପ୍ରେରଣାରେ ଆଜି ମୁଁ ବଡ଼ ବଡ ମୂର୍ତ୍ତି ଗଢିପାରୁଛି। ବାପା ଯିବାର ବର୍ଷେ ହୋଇଗଲାଣି। ଏବେ ବଡ଼ ଭାଇଙ୍କ ସହ ମିଶି ମୂର୍ତ୍ତି ଗଢୁଛି ବୋଲି କୁହନ୍ତି, ପୁରୀ ବାଲିସାହି ଖୁଣ୍ଟିଆସାହି ଲେନ୍‌ର ପ୍ରିୟତମା ମହାରଣା(ସେଲି)। 'ପ୍ରିୟତମା କହନ୍ତି, 'ମୂର୍ତ୍ତି ଗଢ଼ିବାର ସବୁ ପ୍ରକ୍ରିୟା ଯେମିତିକି କୁଟାରେ ମୂର୍ତ୍ତି ବନ୍ଧା, ଏକ୍ ମାଟିଆ କରିବା। ଛାତି, ହାତ ଟିକେ ମୋଟା କରିବା ପାଇଁ ଛୋଟ ଛୋଟ କୁଟା କାଟି ମାଟିରେ ମିଶେଇ ନଡା ମାଟି କରି ଆକୃତି ଦେବା। ପରେ ଆଙ୍ଗୁଠି ପଲି କରିବା, ମାଟି ସହ ବାଲି ମିଶେଇ ମୂର୍ତ୍ତି ସମ୍ପୂର୍ଣ୍ଣଭାବେ ଗଢ଼ି କଟନ୍ ଲୁଗାରେ ମୂର୍ତ୍ତିରେ କନା ପକେଇବା, ବାଉଁଶ ପାତିଆରେ ମୂର୍ତ୍ତିକୁ ଚିକ୍କଣ କରିବା। ତା'ସହ ଖଡ଼ି ବୋଳିବା, ରଙ୍ଗ କରିବା ଆଦି ସବୁ କାମ କରେ। ଏସବୁ କାମକୁ ମୁଁ କେବେ ପୁରୁଷଙ୍କ କାମ ଭାବେନି। ଘର କାମ ଭାବି କରିଆସିଛି। ବାପା କି ଭାଇ କେହି ମତେ ମନା କରିନାହାନ୍ତି କରିବାକୁ। ଅନେକ ଥର ଦେଖିଛି ବାପା, ଭାଇଙ୍କୁ ସାହାଯ୍ୟ କରିବା ପାଇଁ ଥିବା ହେଲ୍ପର ଠିକ୍ ସମୟରେ ନ ଆସିବାରୁ ସେମାନେ କେତେ ହଇରାଣ ହୁଅନ୍ତି। ତେଣୁ ତାଙ୍କୁ ସାହାଯ୍ୟ କରିବା ପାଇଁ ପିଲାଦିନୁ ମୂର୍ତ୍ତି ଗଢ଼ା କାମ କରି ଆସିଛି। ସେମାନଙ୍କ ସହ ପେଣ୍ଡାଲକୁ ଯାଇ ବି ମୂର୍ତ୍ତି ଗଢ଼େ। ଝିଅ ହୋଇ ପେଣ୍ଡାଲକୁ ଯାଇ ମୂର୍ତ୍ତି ଗଢୁଥିବାରୁ କିଏ ନାକ ଟେକନ୍ତି ତ କିଏ ପ୍ରଶଂସା ବି କରିଛନ୍ତି। ହେଲେ ଆମ ଘରେ କେବେବି ପୁଅ ଝିଅର ଭେଦଭାବ କରାଯାଇ ନାହିଁ। ସେଥିପାଇଁ ନିର୍ଦ୍ୱନ୍ଦ୍ୱରେ ମୁଁ ମା'ଙ୍କୁ ଗଢ଼ିବା କାମ କରେ। ଆଉ ଏଇ କାମରେ ମତେ ଆତ୍ମତୃପ୍ତି ମିଳିଥାଏ। ମୂର୍ତ୍ତି ଗଢ଼ିବା ପାଇଁ ନିଷ୍ଠାରେ ରହିବାକୁ ମଧ୍ୟ ପଡ଼େ। କାମକୁ ଯିବା ପୂର୍ବରୁ ଆମେ ଚୁଡ଼ା ଖାଇକି ଯାଉ ଓ ଆସିଲେ ଅରୁଆ ଖାଉ। କାମ ଆରମ୍ଭ କରିବା ପୂର୍ବରୁ ଭଲରେ ହାତ ଗୋଡ଼ ଧୋଇ ମୁଣ୍ଡରେ ପାଣି ଛିଞ୍ଚୁ। ମୂର୍ତ୍ତି ଗଢ଼ିବାବେଳେ ମୁଁ କେବେ ମନ୍ଦିରର ପଥର ମୂର୍ତ୍ତି ସାମ୍ନାକୁ ଯାଇ ନ ଥାଏ। ଆଉ ଏକ କଥା ମା' ବୋଧେ ଚାହାନ୍ତି ମୁଁ ମୂର୍ତ୍ତି ଗଢେ। ସେଥିପାଇଁ ଆଜି ପର୍ଯ୍ୟନ୍ତ କେବେବି ମୂର୍ତ୍ତି ଗଢ଼ିବା ସମୟରେ କିଛି ଅସୁବିଧା ହୋଇ ନାହିଁ। ବହୁତ ବଡ଼ ମୂର୍ତ୍ତି କଲାବେଳେ ଭାରା ଉପରେ ବସି କାମ କରିଛି। ଖାଲି ଦୁର୍ଗା ମା'ଙ୍କ ମୂର୍ତ୍ତି ନୁହେଁ ବଡ଼ ବଡ଼ ଗଣେଶ ମୂର୍ତ୍ତି, ମା' କାଳୀଙ୍କ ମୂର୍ତ୍ତି ବି କରେ। ଦୁର୍ଗା ମା' ଓ ଗଣେଶ ମୂର୍ତ୍ତି ଗଢ଼ିବା ପାଇଁ ମତେ ବାହାରକୁ ଯିବାକୁ ପଡ଼େ। କିନ୍ତୁ ମା' କାଳୀଙ୍କ ମୂର୍ତ୍ତି ଘରେ ହୁଏ। ତେଣୁ ଘର କାମ ସହ ମୂର୍ତ୍ତି ଗଢ଼ିବା କାମ ସହଜରେ କରି ହୁଏ। ମା'ଙ୍କୁ ନେଇ ଥରେ ମୋର ଅନେକ ଅଲୌକିକ ଅନୁଭୂତି ରହିଛି। ଭାଇଙ୍କ ସହ କାକୁଡି ଖାଇ ମା' ବିମଳାଙ୍କ ମୂର୍ତ୍ତି କରିବାକୁ ଯାଇଥାଏ। ଏ ହେଉଛି ପୁରୁଣା ମନ୍ଦିର ଥିବା ସମୟର ଏଇ କଥା। ଷଷ୍ଠୀ ଦିନ ମୂର୍ତ୍ତିକୁ ରଙ୍ଗ କରାଯାଏ। ସେଦିନ ଦେହ ଟିକେ ଅସୁସ୍ଥ ଲାଗିବାରୁ ଭାଇକୁ କହିଲି ଟିକେ ଶୋଇପଡେ ତା'ପରେ ଉଠି ରଙ୍ଗ କରିବି। ଭାଇ କହିଲେ ହଉ ତୁ ଟିକେ ଶୋଇପଡ। କିଛି ସମୟ ପରେ ଉଠେଇ

→



ଦେଲେ ତୁ ରଙ୍ଗ କରିବୁ। ମନ୍ଦିର ପଛରେ ଥିବା ଛୋଟିଆ ଷ୍ଟୋର ରୁମ୍‌କୁ ଯାଇ ଟିକେ ଶୋଇପଡ଼ିଲି। ଏତିକିବେଳେ ମତେ ପାଉଁଜି ଶବ୍ଦ ଶୁଭିଲା। ଉଠିକି ଭାଇକୁ ଜଣେଇଲି। ଭାଇ କହିଲେ, ଏଇ ମନ୍ଦିରର ଦେବୀ ମା' ପ୍ରତ୍ୟକ୍ଷ। ତୁ ଡରନା, ସେ ବୋଧେ ପରିକ୍ରମା କରୁଥିବେ। ସେ ରୁମ୍‌କୁ ପୁଣିଥରେ ଶୋଇବାକୁ ଗଲି ହେଲେ ଭଲରେ ନିଦ ହେଲାନି। ଏକୁଟିଆ ଟିକେ ଡର ଲାଗୁଥାଏ। ଟିକେ ଛାଇ ନିଦ ହେଇଛି ମତେ ଲାଗିଲା କେହି ମତେ ଆଡେଇ ଦେଇ ଚାଲିଗଲେ। ପାଉଁଜି ଶବ୍ଦ ବି ଶୁଭୁଥାଏ। ଉଠିପଡ଼ି କବାଟ ଖୋଲି ଭାଇ ପାଖକୁ ଦୌଡ଼ିକି ଗଲି। ଭାଇ କହିଲେ, କ'ଣ ହେଲା? ମୁଁ କହିଲି କେହି ଜଣେ ମତେ ଆଡେଇକି ଗଲାଭଳି ଲାଗିଲା। ଭାଇ କହିଲେ- ତୁ ଡରିଗୁ ତ? ମୁଁ କହିଲି ନା। ଭାଇ ପଚାରିଲେ-ତୁ ବାଟରେ ଶୋଇଥିଲୁ କି? ମୁଁ କହିଲି ହଁ। ଭାଇ କହିଲେ ତୁ ବାଟରେ କେମିତି ଶୋଉଥିଲୁ? ମା' ପରା ପରିକ୍ରମା କରୁଛନ୍ତି। ଏହା ଶୁଣି ଦେହ ଶୀତେଇ ଗଲା। ସେତେବେଳେ ରାତି ପ୍ରାୟ ୨ଟା-୨.୩୦ଟା ହୋଇଥାଏ। ଆଉ ନିଦ ହେଲାନି। ସକାଳ ହେବାରୁ ନିତ୍ୟକ୍ରମ ସାରିବାକୁ ବାହାରିଥାଏ। ବ୍ରାହ୍ମଣ ଆସି ମା'ଙ୍କୁ ପୂଜା କରିବାବେଳେ ଦେଖିଲେ ମା'ଙ୍କ ମନ୍ଦାର ଫୁଲ, କିରୀଟ, ସିନ୍ଦୂର, ଚୁଡି ତଳେ ପଡ଼ିଥିଲା। ବ୍ରାହ୍ମଣ ଆମକୁ ପଚାରିଲେ ରାତିରେ କାମ କେମିତି ଚାଲିଥିଲା? କିଛି ଘଟିଥିଲା କି ରାତିରେ? ଭାଇ କହିଲେ- ହଁ, ଭଉଣୀ ସହ ଏମିତି ହୋଇଥିଲା। ବ୍ରାହ୍ମଣ ମତେ କହିଲେ-ମା' ତତେ ଛୁଇଁଲେ, ହେଲେ ତାଙ୍କୁ କିଛି ମାଗିପାରିଲୁନି? ମୁଁ କହିଲି- ମାଗିବି କ'ଣ, ମୁଁ ଡରିଯାଇଥିଲି। ତା'ପରେ ବ୍ରାହ୍ମଣ ପୂଜାରୀ ମତେ ତଳେ ପଡ଼ିଥିବା ମା'ଙ୍କର ସେଇ ଚୁଡି, ମନ୍ଦାରଫୁଲ, କିରୀଟ ଦେଲେ। ଆଜିବି ସେସବୁକୁ ମୁଁ ଆମ ପୂଜାଘରେ ରଖି ପୂଜୁଛି।

**ମା' ମୋତେ ଶକ୍ତି ଦେଇଛନ୍ତି ତାଙ୍କୁ ଗଢ଼ିବା ପାଇଁ:** ଆମ ପରିବାରର ସମସ୍ତେ ମୂର୍ତ୍ତି କାମ ଜାଣନ୍ତି। ହେଲେ ବାପାଙ୍କ ସହିତ ମିଶି କେବଳ ମୁଁ ବିଭିନ୍ନ ପେଣ୍ଡାଲକୁ ଯାଇ ମା' ଦୁର୍ଗାଙ୍କ ମୂର୍ତ୍ତି କରେ। ଯା ଭିତରେ ୧୫-୧୬ ବର୍ଷ ବିତିଗଲାଣି। ମତେ ଯେତେବେଳେ ମାତ୍ର ୮-୯ ବର୍ଷ ବୟସ ହୋଇଥିଲା ସେବେଠୁ ମୁଁ ବାପାଙ୍କ ପାଖରେ ବସି ମୂର୍ତ୍ତି କରିବା ଶିଖିଛି। ଆଗରୁ କଟକରେ ଆମର ୪ଟା କାରଖାନା ଥିଲା। ୫୦-୬୦ ମୂର୍ତ୍ତି ହେଉଥିଲା। ସାହିର ସବୁଠୁ ବଡ଼ ମୂର୍ତ୍ତି ଆମର ହୁଏ। ବାପାଙ୍କର କଟକରେ ବହୁତ ନାଁ। ତାଙ୍କ ହାତ ତିଆରି ମୂର୍ତ୍ତିର ବହୁତ ଚାହିଦା। ତେଣୁ ବହୁତ ଅର୍ଡର ଆସେ। କିନ୍ତୁ କାରିଗର ବାପାଙ୍କୁ ହଇରାଣ କରୁଥିଲେ। କେବେ ଆସୁଥିଲେ କେବେ ଆସୁ ନ ଥିଲେ। ତେଣୁ ମୁଁ ବାପାଙ୍କୁ ସାହାଯ୍ୟ କରିବି ବୋଲି କହିଲି। ବାପା ବି ରାଜି ହେଲେ। ଏମିତି ସହଯୋଗ କରୁ କରୁ ପାଠପଢ଼ା ବନ୍ଦ ହୋଇଗଲା। କେବଳ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛି ବୋଲି କୁହନ୍ତି କଟକ କୁମ୍ଭାର ସାହିର ସୁମିତ୍ରା ବେହେରା। ସୁମିତ୍ରା ଆହୁରି କୁହନ୍ତି, 'ବାପା ୪୮ ବର୍ଷହେବ ମୂର୍ତ୍ତି ଗଢୁଛନ୍ତି। ତାଙ୍କର ବୟସ ହେଲାଣି। ଆମ ଘରେ କେହି ପୁଅ ନାହାନ୍ତି। ଆମେ ୬ ଭଉଣୀ। ବାପାଙ୍କ କଳାକୁ ମୁଁ ଆଗକୁ ନ ବଢ଼େଇଲେ କିଏ ଆଉ ବଢ଼େଇବ। ସେଥିପାଇଁ ମୁଁ ବାପା, ଦାଦାଙ୍କ ସହ ମିଶି ମୂର୍ତ୍ତି ଗଢ଼ି ଆସୁଛି। ଲୋକେ ବହୁତ ପ୍ରଶଂସା କରନ୍ତି। କହନ୍ତି ମୁଁ ତାଙ୍କର ଝିଅ ନୁହେଁ ପୁଅ ବୋଲି। ମା'ଙ୍କର କୃପା ନ ଥିଲେ ମୁଁ ଏ କାମ କରିପାରି ନ ଥାନ୍ତି। ସେ ହିଁ ମୋ ଦେହରେ ଶତସିଂହର ବଳ ଦେଇଛନ୍ତି। ବେଳେବେଳେ ମତେ ଲାଗେ ଭଗବାନ ମତେ ପୁଅ କରୁ କରୁ ଭୁଲ୍‌ରେ ଝିଅ ଜନ୍ମ ଦେଇ ଦେଇଛନ୍ତି। ଝିଅ ହୋଇ ବି ମୋ ଦେହରେ ପୁଅର ବଳ ଅଛି। ନଡ଼ା ଭିଡ଼ା କାମରେ ବହୁତ ବଳ ଦରକାର। ଝିଅମାନେ କରିବା କଷ୍ଟ କିନ୍ତୁ ମୁଁ ବହୁତ ଭଲରେ ବାନ୍ଧିପାରେ। କାରଖାନାରେ ବାପା ଓ ଦାଦାଙ୍କ ସହ ମିଶି ନଡ଼ା ବନ୍ଧା ବ୍ୟତୀତ ମାଟି ନେସା, କପଡ଼ା ପକା, ଫିନିସିଂ କରିବା, ରଙ୍ଗ ଦେବା ଆଦି ସବୁ କାମ କରିଥାଏ। ଏଥର ପଳାଶୁଣୀ, ଏଜି କଲୋନୀ, ବନମାଳୀପୁର, ପାଣ୍ଡରାରେ ମା'ଙ୍କ


ବିଷ୍ଣୁପ୍ରିୟା

ମୂର୍ତ୍ତି କାମ କରୁଛି। ସବୁ ପେଣ୍ଡାଲକୁ ଯାଇ କାମ କରିବାକୁ ପଡୁଛି। ମା'ଙ୍କ ମୂର୍ତ୍ତି ବ୍ୟତିତ ଗଣେଶ ପୂଜାରେ ବଡ଼ ବଡ଼ ଗଣେଶ ମୂର୍ତ୍ତି ବି ଗଢ଼େ। ଯେତେ ବଡ଼, ଯେମିତି ଡିଜାଇନ୍‌ର ମୂର୍ତ୍ତି ଅର୍ଡର ଆସିଲେ ବି କରାହୁଏ। ତେବେ କଟକରେ ଜାଗା କମ୍ ଥିବାରୁ କିଛି ବର୍ଷ ହେବ ଚୌଦ୍ୱାରରେ ଭଡ଼ା ଘରେ କାରଖାନା କରିଛୁ। ଭୁବନେଶ୍ୱର ପଳାଶୁଣୀରେ ବି କାରଖାନା ଅଛି। ଆଉ ଏକ କଥା କଟକରେ ଆମ ସାହିର ସବୁ ଝିଅ ବୋହୂ ମୂର୍ତ୍ତି କାମ ଜାଣନ୍ତି। ହେଲେ କେହି ବାହାରକୁ ବାହାରି ମଣ୍ଡପ ଯାଇ ମୂର୍ତ୍ତି ଗଢ଼ନ୍ତି ନାହିଁ। ଘରେ ରହି ପାର୍ଶ୍ୱ ଦେବଦେବୀ ଗଢ଼ନ୍ତି। କିନ୍ତୁ ମୁଁ ଘରୁ ବାହାରି କାରଖାନା ଯାଇ ମୂର୍ତ୍ତି ଗଢୁଛି। ମତେ କେବେ ଅନୁଭବ ହୋଇନାହିଁ ଯେ ମହିଳାମାନେ ମା'ଙ୍କ ମୂର୍ତ୍ତି ଗଢ଼ିବାରେ କିଛି ଅସୁବିଧା ଅଛି ବୋଲି। ମା'ଙ୍କୁ ଚକ୍ଷୁଦାନ କଲାବେଳେ ହିଁ ଛୁଆଁଛୁତି ବାରଣ କରାଯାଇଥାଏ। କିନ୍ତୁ ତା'ପୂର୍ବରୁ ସେମିତି କିଛି ବାରଣ ନ ଥାଏ। ମୁଁ ଯେତେବେଳେ ମା'ଙ୍କ ମୂର୍ତ୍ତିର ଜଙ୍ଘ ଉପରେ ଚଢ଼ି ମୂର୍ତ୍ତି କାମ କରେ ଭଲ ଲାଗେନି। କିନ୍ତୁ ପରେ ଓଲ୍ଲାଇ ମୁଣ୍ଡିଆ ମାରି କ୍ଷମା ମାଗେ। କହେ, 'ମା' ଲୋ ତୋର ମା' ହୋଇ ମୁଁ ତତେ ଗଢୁଛି। ମତେ କ୍ଷମା କରିଦେବୁ।' ଅନେକ ଥର ମୁଁ ତାଙ୍କ ଉପସ୍ଥିତିକୁ ବି ଅନୁଭବ କରିଛି। ପଳାଶୁଣୀରେ ମୁଁ ନୂଆ କାମ କରିବାକୁ ଯାଇଥାଏ। କାମ ସାରି ଦାଦା ଓ ମୁଁ ଆମକୁ ଦିଆଯାଇଥିବା ଏକ ରୁମ୍‌ରେ ଶୋଇବାକୁ ଗଲୁ। ରାତି ପ୍ରାୟ ସାଢେ ଗୋଟେ ୨ଟା ହେବ। ଆଖି ଟିକେ ଲାଗିଛି ହଠାତ୍ ଜୋର୍‌ରେ ପାଉଁଜି ଶବ୍ଦ ହେଲା। ଏତେ ଜୋର୍‌ରେ ସେ ଶବ୍ଦ ହେଲା ଯେ କାନ ଫାଟିଗଲା ଭଳି ଲାଗିଲା। ଆଉ ତା'ପରେ କଳା ମଚମଚ ଶରୀର, ହାତରେ ମେଞ୍ଚେ ଲାଲ ଚୁଡି, ଲମ୍ବା ଲମ୍ବା କଳାକେଶ ଥିବା ଜଣେ ନାରୀଙ୍କୁ ଦେଖିଲି। ସେ ଘର ଚାରିପଟ ପରିକ୍ରମା କରି ମୋ ସାମ୍ନାରେ ଠିଆ ହୋଇଗଲେ। ମୁଁ ପାଦରୁ ଉପରକୁ ଚାହୁଁଥାଏ। ଚାରିଆଡ ଖାଲି ଧୂଆଁ ଧୂଆଁ। ଠିକ୍ ବେକ ପାଖକୁ ଚାହିଁଲାବେଳକୁ ସେ ଧୂଆଁ ହୋଇ ଅନ୍ତର୍ଦ୍ଧାନ ହୋଇଗଲେ। ମୁହଁ ଆଉ ଦେଖିପାରିଲିନି। ପାରାଲେସିସ୍ ହେଲାପରି ମୁଁ ନିସ୍ତେଜ ହୋଇ ପଡ଼ିଥାଏ। ମୁଁ ଚିଲ୍ଲେଇକି ଦାଦାଙ୍କ ଉପରେ ହାତ ରଖିଦେଲି। ଦାଦା କହିଲେ କ'ଣ ହେଲା? ମୁଁ କହିଲି-ମା' ଆସିଥିଲେ। ତା'ପରେ ଆଉ ନିଦ ହେଲାନି। ଭୋର୍‌ରେ ଯେତେବେଳେ ନିତ୍ୟକର୍ମ ସାରିବାକୁ ବାହାରିଲି, ମନ୍ଦିର ଦେଇ ଗଲାବେଳେ ମା'ଙ୍କ ବେଶ ଦେଖି ଆଶ୍ଚର୍ଯ୍ୟ ହୋଇଗଲି। କାରଣ ରାତିରେ ମା'ଙ୍କର ଯେଉଁ ବେଶ ଦେଖିଥିଲି ସେଦିନ ସେଇ ବେଶ ମା' ଧାରଣ କରିଥିଲେ। ନନାଙ୍କୁ କହିବାରୁ କହିଲେ ଆଜି ପର୍ଯ୍ୟନ୍ତ ତୋ ବାପା ମା'ଙ୍କୁ ଦେଖିପାରି ନାହାନ୍ତି। ତୁ ଦେଖିଲୁ। ତୋ ଭାଗ୍ୟ। ହେଲେ ମୁଁ ଭାବୁଥିଲି ଦେଖିକି ବି ହାତ ଯୋଡ଼ି ପ୍ରଣାମ କରିପାରିଲିନି।

**ମୂର୍ତ୍ତି ଗଢ଼ିଲେ ମିଳେ ଆତ୍ମସନ୍ତୋଷ:** ୪୦ ବର୍ଷୀୟା ଅମ୍ବିକା ରଣା। ଘର ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଗ୍ରାମରେ। ସେ ଏବେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି କରି ତାକୁ ବିକ୍ରିକରି ନିଜେ ରୋଜଗାର କରିବା ସହ ସାଥୀ ମହିଳାଙ୍କୁ ରୋଜଗାରକ୍ଷମ କରାଇଛନ୍ତି। ପାର୍ବଣ ଋତୁ ଆସିଲା ମାତ୍ରେ ତାଙ୍କ ପାଖରେ ଗହଳି ରହୁଛି। ଅମ୍ବିକା କୁହନ୍ତି, ପିଲାଦିନେ ବାପାଙ୍କଠାରୁ ଏହି କଳା ଶିଖିଥିଲି। ବାପଘର ହେଉଛି କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଗ୍ରାମରେ। କୁମ୍ଭକାର ପରିବାର ହୋଇଥିବାରୁ ଘରେ ପ୍ରାୟତଃ ମାଟିକାମ କରାଯାଏ। ସେତେବେଳେ ଘରକରଣା ସାମଗ୍ରୀ ହାଣ୍ଡି, ମାଠିଆ, କୁଣ୍ଡ, ଦୀପ, ଚଉରା ଆଦି ହେଉଥିଲା। ସେ ସବୁ ବାପାଙ୍କଠାରୁ ଦେଖି ଦେଖି କରୁଥିଲି। ପରେ ମୂର୍ତ୍ତି କାମ ହେବାରେ ତାକୁ ଦେଖି ବି ଶିଖିଗଲି। ଦଶମ ଶ୍ରେଣୀ ଯାଏ ପଢ଼ିଛି। ବିବାହ ପରେ ଘର ଓ ପିଲାଙ୍କ ଜଞ୍ଜାଳ ଭିତରେ କିଛିଦିନ ଏହି କାମରୁ ଦୂରେଇ ଯାଇଥିଲି। ହେଲେ ପରିବାରର ଆର୍ଥିକ ଅବସ୍ଥା ଓ ଦୁଇ ପୁଅଙ୍କ ପାଠପଢ଼ା ପାଇଁ ପୁଣି ସେହି କାମ ଆରମ୍ଭ କଲି। ଏଥିରେ ସ୍ୱାମୀ ବଂଶୀଧର ରଣା ମଧ୍ୟ ସହଯୋଗ କଲେ। ତା' ପରେ ଗ୍ରାମର ଅନ୍ୟ ସାଥି ମହିଳା ସୁଷମା ରଣା, ଅଞ୍ଜନା ରଣା, ସୁପ୍ରଭା ରଣା, ମିନତି ବେହେରା, ମାନୁ ରଣା ଏଥିରେ ସାମିଲ ହୋଇଥିଲେ। ଏବେ ଆମେ ମା' ବଜ୍ରବୁଢ଼ୀ ଉତ୍ପାଦକ ସଂଗଠନ କରି ମୂର୍ତ୍ତି ଗଢ଼ା କାମ କରୁଛୁ। ଖୁଦୁରୁକୁଣୀ, ସରସ୍ୱତୀ, ରାଧାକୃଷ୍ଣ, ଗଣେଶ, ବିଶ୍ୱକର୍ମା ଆଦି ମୂର୍ତ୍ତି କରୁଛୁ। ତା'ସହ ଦୁର୍ଗାପୂଜାରେ ଶାଖା ଦେବଦେବୀଙ୍କ ମୂର୍ତ୍ତି ବି କରୁଛୁ। ଏହାବାଦ ଟେରାକୋଟା କାମ, ପର୍ବପର୍ବାଣି ପାଇଁ ଆବଶ୍ୟକ ମାଟିପାତ୍ର ଆଦି କରାଯାଉଛି। ଏଥିରୁ ବାର୍ଷିକ ୪୦ ରୁ ୫୦ ହଜାର ଟଙ୍କା ରୋଜଗାର ହେଉଛି। ଆଉ ଦେବଦେବୀଙ୍କ ମୂର୍ତ୍ତି କଲେ ଆତ୍ମସନ୍ତୋଷ ମିଳୁଛି।

**ନାରୀ ହାତରେ ନାଗା ମୂର୍ତ୍ତି :** 'ପୁରୀରେ ଦୁର୍ଗାପୂଜା 'ଗୋସାଣୀ ଯାତ୍ରା' ଭାବେ ବେଶ୍ ପରିଚିତ। ଏହି ଯାତ୍ରାରେ ମା' ଦୁର୍ଗାଙ୍କ ମୂର୍ତ୍ତି ବ୍ୟତୀତ ବିଭିନ୍ନ ପ୍ରକାର ମୂର୍ତ୍ତି ଯେମିତିକି -କୈଳାସ ପର୍ବତ ଟେକୁଥିବା ରାବଣ ମୂର୍ତ୍ତି, ରାକ୍ଷସ, କାଠ କଣ୍ଢେଇ ଓ ବିଶେଷ କରି ବିରାଟକାୟ ନାଗା ମୂର୍ତ୍ତିକୁ ପୂଜା କରାଯାଏ। ତେବେ ଗୋସାଣୀ ଯାତ୍ରାର ସ୍ୱତନ୍ତ୍ରତା କହିବାକୁ ଗଲେ ବଡ଼ ବଡ଼ ନାଗା ମୂର୍ତ୍ତିକୁ ବୁଝାଏ। ନାଗା ମୂର୍ତ୍ତି ପୁରୀର ଆଖଡ଼ା ସଂସ୍କୃତିକୁ ଦର୍ଶାଇଥାଏ। ପ୍ରାୟ ୧୫-୧୮ ଫୁଟ୍‌ର ଏହି ବିରାଟକାୟ ନାଗା ମୂର୍ତ୍ତିକୁ ସାଧାରଣତଃ ପୁରୁଷ କାରିଗର ପେଣ୍ଡାଲ ତଥା ଅନୁଷ୍ଠାନରେ ଗଢ଼ିଥାନ୍ତି। କିନ୍ତୁ କରୋନା କଟକଣା ପାଇଁ ଚଳିତ ବର୍ଷ ମୂର୍ତ୍ତିର ଆକାର ଛୋଟ ହୋଇଛି। ଆଉ ଘରେ କରାଯାଉଛି। ତେଣୁ ମତେ ନାଗା ମୂର୍ତ୍ତି ଗଢ଼ିବାର ସୁଯୋଗ ମିଳିଛି ବୋଲି କୁହନ୍ତି, ଦାମୋଦର ରୋଡ, ଅତିବଡ଼ୀ ନଗର ବଳଦେବ ସାହିର ବିଷ୍ଣୁପ୍ରିୟା ମହାପାତ୍ର।' ବିଷ୍ଣୁପ୍ରିୟା କୁହନ୍ତି, 'ପୂର୍ବରୁ ମୁଁ ମା'ଙ୍କ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଗଢୁଥିଲି। ହେଲେ ଏଥର ହରଚଣ୍ଡୀ ସାହିର ପାଇଁ ନାଗା ମୂର୍ତ୍ତି ଗଢୁଛି। ଆମେ ରୂପକାର ସେବାୟତ ପରିବାରର ହୋଇଥିବାରୁ ବାହାରକୁ ମୂର୍ତ୍ତି ଗଢ଼ିବାକୁ ଯାଇ ନ ଥାଉ। ତା'ଛଡା ମା'ଙ୍କ ମୂର୍ତ୍ତି କଲେ ନିଷ୍ଠାରେ ରହି କାମ କରିବାକୁ ପଡ଼େ। ଆଉ ଜିଲା ମାରି ମା'ଙ୍କ ପୂଜା ମୂର୍ତ୍ତି ଗଢ଼ାଯାଏ। ତେଣୁ ମା'ଙ୍କ ମୂର୍ତ୍ତି ଗଢ଼ିବାର ସୁଯୋଗ ମିଳି ନ ଥାଏ। ହେଲେ ଆମ କାରିଗର ପରିବାରରେ ସବୁ ସ୍ତ୍ରୀ ଲୋକ ମୂର୍ତ୍ତି ଗଢ଼ାଠୁ ଆରମ୍ଭକରି ଚିତ୍ର କରିବାରେ ନିପୁଣା। ନଡ଼ା ଭିଡ଼ାଠୁ ଆରମ୍ଭକରି ମାଟି ଲେସିବା, କନା ପକେଇବା, ଖଡି ବୋଳା, ରଙ୍ଗ ଦେବା ଆଦି ସବୁକିଛି ଜାଣିଛୁ। ତେଣୁ ଏଥର ୬ ଫୁଟ ଉଚ୍ଚତାବିଶିଷ୍ଟ ନାଗା ମୂର୍ତ୍ତି ଗଢ଼ିବା କାମ ମୁଁ ପୁଅ ସହ ମିଶି କରୁଛି। ତା'ସହ କାର୍ତ୍ତିକେଶ୍ୱର ମୂର୍ତ୍ତି, ଲକ୍ଷ୍ମୀଙ୍କ ମୂର୍ତ୍ତି ବି କରୁଛି।

ସମାଜର କଟକଣାକୁ ଆଡେଇ ନାରୀ ଯେବେ ବି ପାଦ ବାହାରକୁ କାଢ଼ିଛି ପ୍ରମାଣ କରିଛି ନିଜ ସାମର୍ଥ୍ୟକୁ। ଠିକ୍ ଯେମିତି ଏଇ ମହିଳା ମୂର୍ତ୍ତି କାରିଗରମାନେ ପୁରୁଷ ପ୍ରାଧାନ୍ୟ ଏହି କାମରେ ତିଆରି କରିଛନ୍ତି ନିଜର ଏକ ସ୍ୱତନ୍ତ୍ର ସ୍ଥାନ।

**-ଶିବାନୀ ମହାନ୍ତି**

**ତଥ୍ୟ: ଆଶୁତୋଷ ଦାସ, ଯଜ୍ଞେଶ୍ୱର ମହାନ୍ତି, ଶରତ କୁମାର ରାଉତ**


ପ୍ରିୟତମା






ସୁମିତ୍ରା





# ଦେବୀ

**ସ୍ୱର୍ଗରୁ ନୁହେଁ ଏହି ମର୍ତ୍ତ୍ୟରେ ହିଁ ରୂପ ନିଅନ୍ତି ଦେବୀ! ନାରୀର ଭିନ୍ନ ସ୍ୱରୂପରେ। କେବେ କନ୍ୟା, କେବେ ଜାୟା, କେବେ ଜନନୀ ଓ ପୁଣି କେବେ ଭଗିନୀ ରୂପରେ...**

ପ୍ରଥମେ ଗଢିବାକୁ ଚାହେଁ, ଗଢିବାକୁ ପଡ଼େ ତ, ତମର
ଲାବଣ୍ୟ –ପାଦ ।
ପାଦ ଗଢୁ ଗଢୁ ଆହାଃ, ସରିଯାଏ,
ଜୀବନ ବିତିଯାଏ–
ଓଦାମାଟିର ସବୁ ତ ପ୍ରମାଦ।

ରେଖି ପାରିବି ? କେବେ ପାରିବି ଆଙ୍କି ତମ ଆଖି :
ଅଳପ ଖୋଲା ବେଶି ବୁଜା
ପ୍ରଖର ତଥାପି ?

**–ରାଜେନ୍ଦ୍ର କିଶୋର ପଣ୍ଡା**
*ବନଜା ଆପାର୍ଟମେଣ୍ଟ, ଗଙ୍ଗନଗର , ଭୁବନେଶ୍ୱର*
*ମୋ: ୯୯୩୭୫୩୯୨୪୫*

ନାରୀଟିଏ ଦେବୀ ହୋଇଗଲା
କୌଣସି ଆସ୍ତିକର ଆବାହନରେ
ଷୋଡ଼ଶ ଉପଚାର ନଥିବା ସତ୍ତ୍ୱେ
ଉପାସନା ଠିକ୍ ଥିଲା
କେବଳ ନାରୀଟି ଦେବୀ ହେବାକୁ ଚାହୁଁ ନଥିଲା ।

**–ପ୍ରବାସିନୀ ମହାକୁଡ଼**
*ଷ୍ଟେଶନ ବଜାର, ଢେଙ୍କାନାଳ*
*ମୋ: ୮୭୬୩୯୭୧୧୨୬*

ଆଲୁଳାୟିତ କେଶ ମାଟି ଛୁଏଁ
ଲାଲ୍ ସରସର ସିନ୍ଦୂରିତ ଦେହରେ
ଦୁଇଟି ପୋଟଳାକୃତି ସୂର୍ଯ୍ୟ
ବିକିରିତ କରେ ଅନ୍ଧାର।
ଘନଘୋର ଅନ୍ଧାର ଭିତରେ
ଆଲୁଅ ଖୋଜୁ ଖୋଜୁ
ପଥର ପାଲଟି ଯାଇଥିବା
ଅନ୍ଧ ନାରୀଟିର ନାମ ଶକ୍ତି।
('ସର୍ଜନା' ଶୀର୍ଷକ କବିତାର କେତୋଟି ଧାଡ଼ି)

**–ପ୍ରଦୀପ ପଣ୍ଡା,** *ବୃନ୍ଦାବନ ବିହାର, ଧାନକଉଡା*
*ସମ୍ବଲପୁର, ମୋ: ୯୪୩୭୧୪୮୭୦୯*

ତୁମେ ଆସିବ ବୋଲି
ସାରା ଅଗଣାରେ ଛିଞ୍ଚିଦେଇଛି ମୁଁ
ଅଭିଳାଷର ପାଉଁଶରେ ତିଆରି
ଗୋବରପାଣି।
ଚଉକାଠରେ ସିନ୍ଦୁରବୋଳା ଓଁ ନଲେଖି
ସେଠି ଖଞ୍ଜି ଦେଇଛି ମୋର ଆଖି।

**–କୃଷ୍ଣ ମହାନ୍ତି**
*ବଳରାମ ଗଡ଼ି , ବାଲେଶ୍ୱର*
*ମୋ: ୭୦୦୮୮୪୫୯୨୦*


ଲୋଡିଛି ତୋର ଆର୍ବିଭାବ
ନିଶବ୍ଦରେ। ଯେବେ ଥମିଯାଏ କୋଳାହଳ,
ନା, ଉଜ୍ୱଳ ଆଲୋକେ ନୁହେଁ
ଉଜ୍ୱଳ ଅନ୍ଧାରେ।

ସାଦରେ ଝାଡିଦିଏ ଅଳନ୍ଧୁ ଓ ଧୂଳି
ଲିପିପୋଛି ସଜାଡ଼େ ଗୋଟେ ନିରୋଳା ଆସ୍ଥାନ
ତୋର ମୃଣ୍ମୟୀ ପ୍ରତିମା ଲାଗି।
ଆବାହନ କରେ ମୂଢ ତୋତେ ବିସର୍ଜନ ମନ୍ତ୍ରରେ।

**–ସୁରେଶ ନାୟକ,**
*କ୍ରିଷ୍ଣାନଗର, ଲପେଟ,ପୁଡୁଚେରୀ*
*ମୋ:୦୯୦୪୩୦୮୭୪୫୬*

ମହିଷାସୁରକୁ ନ ମାରି ତା' ଭିତରର
ବିକଳାଙ୍ଗ ପ୍ରବୃତ୍ତିକୁ ମାରିଥିଲେ
ଭଲ ହୋଇଥାନ୍ତା ଦେବୀ
ବାରମ୍ବାର ଆସିବାକୁ ପଡି ନ ଥାନ୍ତା ତମକୁ
ଏବେ ଘରେ ଘରେ ଦେବୀ ଜନ୍ମ ହେଲେବି
ମହିଷାସୁରମାନଙ୍କୁ ହଟେଇ ହେବନି ଏ ପୃଥିବୀରୁ...


**– ପ୍ରସନ୍ନ କୁମାର ସ୍ୱାଇଁ**
*ଜୟ ଉତ୍କଳ,ଜୋବ୍ରା,କଲେଜଛକ*
*କଟକ, ମୋ: ୯୪୩୯୨୫୪୪୭୦*



# ବଞ୍ଚିଥିବା ଯାଏ ଗାଉଥିବି



ପିଲାଟି ଦିନରୁ ସେ ଶିଶୁକଳାକାର ଭାବେ ଆକାଶବାଣୀରେ ଯୋଗଦେଇଥିଲେ। ସେବେଠାରୁ ଦୀର୍ଘ ୪ଦଶନ୍ଧି ଧରି ସଙ୍ଗିତକ୍ଷେତ୍ରରେ ସେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ମତେ ଆଣିଦେଲୁ ଲକ୍ଷେ ଫଗୁଣ, ମୋ କୋଳ ତୋ ଝୁଲଣା, ରକତେ ଲେଖିଛି ନାଁ, କିଏ ଗଢ଼ିଦେବ ସୁନା ସଂସାର, ସନ୍ତାନରେ-କହୁଛି ମୋ ମଥା ସିନ୍ଦୂର.., ବାହୁଡ଼ିଲେ ମୋ ଜଗାବଳିଆରେ- ଭଲତାକୁ ପାଏ ବୋଲି ଖୋଜୁଛି ସିନା.., ମଣିମା ହେଉ ଶୁଣିମା, ବାସ ଚନ୍ଦନ ବୋଳିବି ଶ୍ରୀଅଙ୍ଗେ..ସମେତ ଅନେକ ଆଧୁନିକ ଗୀତ, ଚଳଚ୍ଚିତ୍ର ସଙ୍ଗିତ ଓ ଭଜନରେ ସେ ଶ୍ରୋତାଙ୍କୁ ବାନ୍ଧି ରଖିଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ସମେତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ଇନ୍‌ଫରମେଶନ ବ୍ରଡକାଷ୍ଟିଂ, ଫିଲ୍ମ ଫେୟାର, ବାଣୀଚିତ୍ର ଆଦିରୁ ତାଙ୍କୁ ଅଜସ୍ର ସମ୍ମାନ ଓ ପୁରସ୍କାର ମିଳିଛି। ସେ ହେଲେ ଓଡ଼ିଶାର ସୁପରିଚିତ ସଙ୍ଗୀତଜ୍ଞ, କଣ୍ଠଶିଳ୍ପୀ **ଶୈଳଭାମା ମହାପାତ୍ର**। ପିତା ଜଗତବନ୍ଧୁ ମହାପାତ୍ର ଜଣେ ସୈନିକ। ମା' ହରପ୍ରିୟା ମହାପାତ୍ର। ଘର ପୁରୀସହରର କୁଣ୍ଢେଇବେଣ୍ଟ ସାହିରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରରେ। ସେ କୁହନ୍ତି, ବାପା ମା'ଙ୍କର ଆମେ ୩ ଝିଅ ଓ ଦୁଇପୁଅ। ଭାଇଭଉଣୀଙ୍କ ମଧ୍ୟରେ ମୁଁ ସବୁଠୁ ସାନ। ମୋର ଯେତେଦୂର ମନେପଡୁଛି ପିଲାଟି ଦିନୁ ଗୀତ ଶୁଣିବାକୁ ବହୁତ ଭଲପାଉଥିଲି। ପ୍ରାୟ ୭/୮ବର୍ଷରୁ ଗୀତଗାଇବା ଆରମ୍ଭ କରିଥିଲି। ସେତେବେଳେ ବହୁ ସମୟ ଧରି ରେଡିଓରୁ ଗୀତ ଶୁଣୁଥିଲି। ସବୁବେଳେ ବହୁ ପୁରୁଣା ଚଳଚ୍ଚିତ୍ର ଗୀତ ଶୁଣିବାକୁ ପସନ୍ଦ କରେ। ଏମିତିରେ ନିର୍ମଳା ମିଶ୍ର ଓ ତୃପ୍ତି ଦାସଙ୍କ ଗୀତ ଶୁଣିଥାଏ। ସୁନାବେଡ଼ା ଡିଏଭି ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିଲା। ସ୍କୁଲର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ ଗାଉଥିଲି। କଣ୍ଠସ୍ୱର ପାଇଁ ସାଙ୍ଗସାଥୀ ଓ ଗୁରୁଜନମାନେ ଖୁବ୍ ପ୍ରଶଂସା କରୁଥିଲେ। ସ୍କୁଲ ବୟସରୁ ହିଁ ଶାନ୍ତନୁ ଦାସଙ୍କଠାରୁ ସଙ୍ଗୀତ ଶିକ୍ଷା ପାଇଲି। ଜୟପୁର ଆକାଶବାଣୀରେ ମୋର ପ୍ରଥମ ଗୀତ ଥିଲା- ମୋ ବୋଉ ପରି କିଏ ହେବରେ.. ଯାହା ସମସ୍ତଙ୍କ ମନକୁ ଛୁଇଁ ପାରିଥିଲା। ପରେ ୧୦ମ ପରୀକ୍ଷା ଦେଇସାରି ଏକ ଗୀତ ରେକର୍ଡିଂ ପାଇଁ କଟକ ଯାଇଥାଏ। ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକ ସେଠାରେ ମୋ ସ୍ୱରକୁ ପ୍ରଶଂସା କରି ସିନେମାରେ କଣ୍ଠଦାନ ପାଇଁ କହିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସହଯୋଗ କରିଥିଲେ। ମାତ୍ର ୨୦ଦିନ ପରେ 'ମା ଯାହାର ସାହା' ଓଡ଼ିଆ ଚଳଚ୍ଚିତ୍ରର ଏକଗୀତରେ ମତେ ପ୍ରଥମେ କଣ୍ଠଦାନ ପାଇଁ ସୁଯୋଗ ମିଳିଲା। ତା'ପରେ ଗୋଟିଏ ପରେ ଗୋଟିଏ ଗୀତରେ କଣ୍ଠଦାନ କରିଚାଲିଲି। କଲେଜରେ ପଢ଼ିବା ସହ ଗୀତ ଗାଇବା ଚାଲିଥାଏ। ମୁଁ ଗୀତ ଆଉ ପାଠ ଉଭୟକୁ ଗୁରୁତ୍ୱ ଦେଉଥିଲି। ଏମିତିରେ କୋରାପୁଟ ଡିଏଭି କଲେଜରେ ମୋର ଯୁକ୍ତ୨ ଓ ଯୁକ୍ତ ୩ ସରିଲା। ଗୋଟିଏ କଥା ମନେପଡୁଛି। କୋରାପୁଟକୁ ନୂଆ ଜିଲାପାଳ ଭାବେ ଜେପି ଦାସ ଆସିଥାନ୍ତି। ତାଙ୍କ ସ୍ୱାଗତ ପାଇଁ କୋରାପୁଟ କ୍ଲବ ତରଫରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେଥିରେ ଏକ ଗୀତ ଗାଇଥିଲି। ସେହି ଗୀତ ଶୁଣି ସେଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଭାବବିହ୍ୱଳ ହୋଇପଡିଥିଲେ। ଏହାପରେ ଜିଲାର ଏକ କାର୍ଯ୍ୟକ୍ରମ ପାଇଁ କୋର୍ଡିନେଟର ଦାୟିତ୍ୱ ଦିଆଯାଇଥିଲା; ଯାହାଦ୍ୱାରା ଗୀତଗାଇବାର ଅନେକ ସୁଯୋଗ ମିଳିଥିଲା। ସେମିତି ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ତିରୁପତି ଯାଇଥିଲୁ। ସେହି ମଞ୍ଚରେ ଜୟପ୍ରଦାଙ୍କ ସମେତ ବହୁ ଜଣାଶୁଣା କଳାକାରଙ୍କ ଗହଣରେ ଗୀତ ଗାଇବାର ସୁଯୋଗ ମିଳିଥିଲା। ଏହାମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ପିଜି ସାରିଲି। ସମୟକ୍ରମେ ଓଡ଼ିଶୀ ସଙ୍ଗୀତରେ ଡିପ୍ଲୋମା ସାରିଲି ଏବଂ ଅନନ୍ତ ନାରାୟଣ ମିଶ୍ରଙ୍କ ସହଯୋଗରେ ଶାସ୍ତ୍ରୀୟ ସଙ୍ଗିତ ଶିକ୍ଷା ବି ନେଲି। ତେବେ ସଙ୍ଗୀତ କ୍ଷେତ୍ରରେ ଆଗକୁ ଯିବାରେ ସଙ୍ଗୀତ ଦୁନିଆର ରାଧାକାନ୍ତ ନନ୍ଦ, ସରୋଜ ନନ୍ଦ, ଅକ୍ଷୟ ମହାନ୍ତି ଓ ଚୌଧୁରୀ ଭାରତୀକୃଷ୍ଣଙ୍କଠାରୁ ପ୍ରେରଣା ମିଳିଛି। ଓଡ଼ିଶାର ପ୍ରାୟ ସମସ୍ତ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହିତ କାମ କରିବାର ସୁଯୋଗ ମିଳିଛି। ଆକାଶବାଣୀ, ଦୂରଦର୍ଶନ ଓ ଚଳଚ୍ଚିତ୍ର ଆଦିରେ ଅଜସ୍ର ସଙ୍ଗୀତ ପରିବେଷଣକରି ଆକାଶବାଣୀର ଏ ଗ୍ରେଡ୍ କଳାକାର ମାନ୍ୟତା ପାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ବ୍ୟତୀତ ରାଜ୍ୟ ବାହାରେ ଦିଲ୍ଲୀ, ହରିୟାଣା, ହାଇଦ୍ରାବାଦ, ତିରୁପତି, ଅମୃତସର, ବାଙ୍ଗାଲୋର ସମେତ ବ୍ୟାଙ୍କକ୍ ଆଦି ସ୍ଥାନକୁ ଯାଇ ସଙ୍ଗିତ ପରିବେଷଣ କରିଛି। ମୁଁ ଗାଇଥିବା ଗୀତ, ସଙ୍ଗୀତ ଓ ଲଘୁସଂଗୀତ ମଧ୍ୟରେ ସର୍ବାଧିକ ଆଲବମ୍‌ରେ କଣ୍ଠସ୍ୱର ଦେଇଛି। ଆଉ ପ୍ରାୟ ୩୫୭ଟି ଚଳଚ୍ଚିତ୍ର ସଙ୍ଗୀତରେ କଣ୍ଠଦାନ କରିସାରିଛି। ସିଡୀ ଓ କ୍ୟାସେଟରେ ଗୀତ ଗାଇଛି। ଏବେ ମୁଁ 'ଖାଣ୍ଟି ଓଡ଼ିଆ ଝିଅ' ଚଳଚ୍ଚିତ୍ରରେ କଣ୍ଠଦାନ କରିଛି। ଘରେ ବଡ଼ଭାଇ ଭାଉଜ ଓ ଭଉଣୀଙ୍କ ସହିତ ରହୁଛି। ପ୍ରତିଦିନ ସକାଳେ ଯୋଗ ଓ ବ୍ୟାୟାମ କରି ସାରିଲାପରେ ସଙ୍ଗୀତ ସାଧନା କରେ। ସଂଗୀତ ପାଇଁ ସାଧନା ଓ ଧୈର୍ଯ୍ୟ ଉଭୟ ଦରକାର। ଯିଏ ଏଥିରେ ନିଜକୁ ସମର୍ପଣ କରେ ସିଏ ଆଗକୁ ଯାଇପାରେ। ଗାଇବା ପୂର୍ବରୁ ଗୀତରେ ବିଶ୍ୱାସ ଓ ଦୃଢ଼ତା ରଖି ମାନସିକ ଭାବେ ପ୍ରସ୍ତୁତ ହେବାକୁ ପଡ଼େ। ସଙ୍ଗୀତ ସହିତ ସଂଶ୍ଳିଷ୍ଟ ହୋଇଥିବାରୁ ସଙ୍ଗୀତ ମୋ ଜୀବନ ପାଲଟି ଯାଇଛି। ଏଥିରେ ବଞ୍ଚିଛି। ଲୋକଙ୍କ ସମ୍ମାନ ମିଳିଛି। ଆଉ ଜୀବନରେ କ'ଣ ଦରକାର। ଯାହା ପାଇଛି ସାଧନା ପାଇଁ, ଆଉ ଯାହା ମିଳିନି ସେଥିରେ ଅଟକି ଯାଇନି। ତେବେ ଏତିକି କହିବି- ମୋ ସୃଷ୍ଟି ଗୀତଗାଇବା ପାଇଁ ହେଇଛି। ଜୀବନର ଶେଷ ମୁହୂର୍ତ୍ତ ଯାଏଁ ମୁଁ ଗୀତ ଗାଉଥିବି।





–ବନବିହାରୀ ବେହେରା







# ଦେବୀ

**-ଲକ୍ଷ୍ମୀ ଚାନ୍ଦ୍**

**ମୁଁ** ଛୋଟ ଥିଲାବେଳେ ମନେ ଅଛି ଆମ ସାଇରେ ଦେବୀଙ୍କୁ ନେଇ ଏକ ଭକ୍ତି ଆସର ହେଉଥିଲା ଦଶହରା ବେଳେ। ପ୍ରାୟ ୧୬/୧୭ ବର୍ଷର ରୀତା ବୋଲି ଗୋଟେ ଝିଅକୁ ଦେବୀ ଲାଗନ୍ତି। ତା' ଚୁଟି ସବୁ ଖୋଲା, ଆଖି ଲାଲ୍ ଲାଲ୍। ମନ୍ତ୍ର ପଢା ଆରମ୍ଭ ହେଲା ମାତ୍ରେ ସେ ଝୁଲି ଝୁଲି ତା'ପରେ ବିକଟ ନୃତ୍ୟ କରେ। ସେ ଏଭଳି ନାଚ ଆଖପାଖରେ ଯିଏ ଥିବ ନାଚିବାକୁ ବାଧ୍ୟ। ନ ହେଲେ ଦେବୀ କୋପ କରିବେ। ସେ ନାଚି ନାଚି ହାଲିଆ ହେଲା ପରେ ମୁଣ୍ଡ ତଳକୁ ଜାକି ବସିରହେ। ସମସ୍ତେ ତାକୁ ନିଜ ଅସୁବିଧା ଜଣେଇ ମୁଣ୍ଡିଆ ମାରନ୍ତି। ମୁଁ ତ ଭୟରେ ଦଶଥର ମୁଣ୍ଡିଆ ମାରେ। ଦିନେ ମାଆକୁ ପଚାରିଲି ରୀତା ଦେହରେ କେମିତି ଖାଲି ଦେବୀ ଲାଗୁଛନ୍ତି ? ଆଉ କା ଦେହରେ ତ ଲାଗୁନାହାନ୍ତି ? ମାଆ କହିଲା ଯା' ଦେହ ଖର ଦେହ ତାକୁ କେବଳ ଦେବୀ ଲାଗନ୍ତି। ଅନ୍ୟମାନଙ୍କ ଦେହରେ ଲାଗିବେନି। ସେମିତି ଥିଲା ଗୋଟେ ଅଶିଣ। ପୂଜା ପାଇଁ ଆୟୋଜନ ଚାଲିଥାଏ। ରୀତା ଗାୟବ। କୁଆଡେ ଗଲା କେହି ଜାଣିନଥାନ୍ତି। ପୂଜା ଦିନ ନ ଆସିବାରୁ ପୂଜାରୀ କହିଲେ-ଘୋର କଳିକାଳ। ସର୍ବନାଶ ସମୟ ଆସିଗଲା। ମୁରବୀମାନେ ବିଚାର କରି କହିଲେ ପୂଜା ଆରମ୍ଭ ହେଉ, ରୀତା ଯେଉଁଠି ଥିବ ଆସି ପହଞ୍ଚିଯିବ। ଭୟ ଭୟ ବାତାବରଣ, ସନ୍ଦେହର କୁହେଳିକା। ଯଦି ରୀତା ନ ଆସେ ଆହୁରି ସର୍ବନାଶ ! ମାଆ ଲୋ..., ବଞ୍ଚା। ପ୍ରଥମ ମନ୍ତ୍ର ସରି ଦ୍ୱିତୀୟ ମନ୍ତ୍ର ଆରମ୍ଭ ହେଲା, ରୀତାର ଦେଖା ନାହିଁ। ପୂଜାରୀ ଓ ଆୟୋଜକ କାନ୍ଦ କାନ୍ଦ ପ୍ରାୟ। ହଠାତ୍ ମୋ ୧୭ ବର୍ଷିୟା ପିଉସୀ ଯାହା ପାଟିରୁ ପଦେ ହେଲେ କଥା ବାହାରେ ନାହିଁ, ଝୁଲିବାକୁ ଲାଗିଲା। ପୂଜାରୀ କହିଲେ ହେଇ ଲୁସି ଦେହରେ ଦେବୀ ପ୍ରକଟ ହେଲେଣି। ସମସ୍ତେ ତତ୍ପର ଦେଖାଗଲେ। ଜୋର ଜୋର ମନ୍ତ୍ର ପଢା ଚାଲିଲା ଓ ସେ ବିକଟାଳ ନାଚ ନାଚିଲା। ତାକୁ ସମସ୍ତେ ମୁଣ୍ଡିଆ ମାରି ନିଜ ଦୁଃଖ ଜଣେଇଲେ। ରାତାରାତି ସେ ଦେବୀ ପାଲଟିଗଲା। ଦୁଇଦିନ ପରେ ନିରୋଳାରେ ତାକୁ ପଚାରିଲି -ନାନୀ ଲୋ ସତରେ କ'ଣ ଦେବୀ ତୋ ଦେହକୁ ଆସିଥିଲେ ? ସେ ଛେପ ଢୋକି କହିଲା-ନାଇଁ ମ, ସେ ବିଛାଟା ଠିକ୍ ସମୟରେ ମୋ ଶାଢି ଭିତରେ ପଶିଗଲା ବୋଲି ସିନା...ହେଲେ ତୁ ଏ କଥା କାହାକୁ କହିବୁନି ଟି, ଧନଟା ପରା। ମୁଁ ମୁଣ୍ଡ ହଲାଇ ମା' ମା' କହି ଦୌଡିଲି।

- ୯ ଷ୍ଟେଶନ ସ୍କୋୟାର, ଭୁବନେଶ୍ୱର
ମୋ:୮୯୧୭୫୯୫୯୧୫



# ଠାକୁରାଣୀ ବିଜେ

**-ମାନମୟୀ ରଥ**

**ଖ**ବର ପାଇଲି ଦେବୀ ଲାଗିଛି ମଲ୍ଲୀକୁ। ବନାଟି ବୁଲେଇଲା ଭଳି ଖଡିକା ମୁଠା ବୁଲେଇ ନିର୍ଘୁମ ଛେଚିଛି କୁଆଡ଼େ ତା' ବରକୁ। ଯିଏ ରୋକିଛି ସେ ଖାଇଛି ଝାଡ୍ଡୁ ପାହାର।

ପଇସାଟେକର କାମ ଦାମ ନକରି ହାରମୋନିୟମ୍ ଧରି ଆଖଡା ପାଇଁ କଣ୍ଠ ସଜାଉଥିବା ଖଡିକା ଚେହେରାଧାରୀ ମଲ୍ଲୀ ବରକୁ ଯିଏ ଦେଖିବ ସେ ବିକଳେଇ ଯିବ। ପଚାରିଲେ ମଲ୍ଲୀ କହେ," ଖିଆ କାହିଁ ତାଙ୍କର ? ଖାଲି ତ ଚା', ବିଡ଼ି,ପାନ କି ପୁଡ଼ିଆ।" ଆମ ଜାଣିବାରେ ମନରେ ଯାହା ଥାଉ ନା କାହିଁକି ମଲ୍ଲୀ ଘଡ଼ିକି ଘଡ଼ି ଚା' ଯୋଗାଏ ନିଜ ଲୋକଟିକୁ ଭାରି ସରାଗରେ। ପୁଣି ଦେବୀ କୁଆଡୁ ବିଜେ ହେଇ ତା' ଦ୍ୱାରା ପିଟେଇଲେ !! ବଜାର ପାଖରେ ମଲ୍ଲୀର ଘର। ପରିବା କିଣିସାରିଲା ପରେ ମାଡିଗଲି କାମରୁ ଛୁଟି ନେଇଥିବା ମଲ୍ଲୀକୁ ଡାକିବାର ଉଦ୍ଦେଶ୍ୟ ରଖି। ମୋତେ ଦେଖି ହାତେ ଓଢଣୀ ଟାଣିଲା ସେ। ପଚାରିଲି, "ଦେବୀ ତୋର ଏଇ ହାଡୁଆ ଦେହକୁ ଲୋଡେଇଗଲେ କ'ଣ ?" ଜିଭ କାମୁଡି ଲାଜୁଆ ହସଟେ ହସିଲା ମଲ୍ଲୀ। କହିଲା- ନାଇଁ ମଁ ଦିଦି। ପିଲାଟାକୁ ହାଡ଼ଫୁଟି ହୋଇଛି ଯେ ଆଠଦିନ ହେଲା ମୁହଁରେ ପାଣି ଦେଉନି। ହୋଟେଲରୁ ଚିଙ୍ଗୁଡ଼ି ତରକାରୀ ଆଣି ପାଟି ଚାକୁଳେଇ ଖାଉଥିଲେ ତା' ବାପା ଯେ, ଆଇଁଷ ବାସ୍ନା ପାଇ ପିଲାଟା ମୋର ହାତ ବୁଡ଼େଇ ଦେଲା ଭାତ ଥାଳିରେ। ତା' ପାଟିରେ ଗୁଣ୍ଡାଏ ଦେବେ କ'ଣ ଓଲଟା ଖିଙ୍କାରୀ ଉଠିଲେ ହାଡ଼ଫୁଟି ହୋଇଥିବା ହାତକୁ ନେଇ। ଦେହ ସହିଲାନି ଦିଦି। କୋପ ଚଢିଗଲା। ମୁଣ୍ଡକୁ ହାଡ଼ବାଇ ମାଆ ଜୁଟିଗଲେ ସେତିକି ବେଳକୁ। ଥାଳିଆ ଛଡେଇ ଆଣି ପୁଅକୁ ଖୁଆଇ ନିଜେ ଖାଇଦେଲି। ମାର ଧର କରିବାକୁ ସେ ମାଡ଼ି ଆସିଲେ ବୋଲି ଖଡିକା ମୁଠା ଧରି ମୁଁ ଗୋଡେଇଗଲି...।

-ସେଣ୍ଟ ଜାଭିଅର କିଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯




ଶ୍ରୁତି


# ବାଜି ମାରିଲେ ଶ୍ରୁତି

ନୂଆ ସିନେମା 'ସଲାର୍'ରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ସେ ନେଇ ଗତ କିଛି ସପ୍ତାହ ହେଲା ବେଶ୍ କଳ୍ପନା ଜଳ୍ପନା ଲାଗି ରହିଥିଲା। ଏପରି କି ଏହି ଭୂମିକା ପାଇଁ ଅନୁଷ୍କା ସେଟ୍ଟି, କିର୍ତ୍ତି ସୁରେଶଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଡେଟ୍ ପ୍ରୋବ୍ଲେମ ପାଇଁ ସେମାନେ ଏହି ଅଫର୍‌କୁ ହାତଛଡା କରିଥିଲେ। ଶେଷରେ ଶ୍ରୁତି ହାସନଙ୍କୁ ଏହି ଅଫର ଦିଆଯାଇଥିଲା ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଖାସ୍ କଥା ହେଲା, ଏହି ଫିଲ୍ମର ନାୟକ ସାଜୁଛନ୍ତି 'ବାହୁବଳି' ଫେମ୍ ପ୍ରଭାସ। ତେବେ ଏପରି ଅଫର୍ ସମ୍ପର୍କରେ ଶ୍ରୁତି କହନ୍ତି, 'ଏହି ଫିଲ୍ମଟି ତେଲୁଗୁ, ତାମିଲ, ମାଲାୟାଲାମ ଏପରି କି ହିନ୍ଦୀ ଭାଷାରେ ନିର୍ମିତ ହେବ। ତେଣୁ ଏପରି ଏକ ମଲ୍ଟି ଲାଙ୍ଗୁଏଜ୍ ଫିଲ୍ମରେ ଆକ୍ଟିଂ କରିବାର ସୁଯୋଗକୁ ହାତଛଡା କରିବା ଠିକ୍ ନୁହେଁ ବୋଲି ଭାବିଥିଲି। ପୁଣି ଏହାର ମୁଖ୍ୟ ଭୂମିକାରେ ପ୍ରଭାସ ଅଭିନୟ କରିବେ। ଏହି ଫିଲ୍ମଟି ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି।' ତେବେ ଶ୍ରୁତିଙ୍କର ଏହି ଆଶା କେତେ ସଫଳ ହେଉଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# କ'ଣ ପାଇଁ ସଜବାଜ

ମୌନି ରୟ ଏବେ ସଜବାଜ ହେଉଛନ୍ତି। ଯାହାହେଉ ଏତେଦିନେ ନିଜ ପ୍ରାଇଭେଟ ଲାଇଫକୁ ନେଇ ସେ ଏକ ନୂଆ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ, ତା' ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ହେଲେ ତାହା କ'ଣ ଜାଣିବେନି ? ଅସଲ କଥା ହେଲା ମୌନି ଖୁବ୍ ଶୀଘ୍ର ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଅନେଇ ଦେଲେ ସେହି ଶୁଭ ସମୟ ଆସି ପହଞ୍ଚିଯିବ। ଆଉ ମାସ କେଇଟା ପରେ ଅର୍ଥାତ୍ ଆସନ୍ତା ବର୍ଷ ଜାନୁୟାରୀରେ ସେ ଘର ସଂସାର କରିବେ। ପୁଣି ସେ ପ୍ରେମ ବିବାହ କରିବାକୁ ଯାଉଛନ୍ତି। ପ୍ରେମିକ ସୂରଜ ନାମ୍ବିୟାରଙ୍କ ସହ ତାଙ୍କର ବିବାହ ହେବ ବୋଲି ଜଣାପଡିଛି। ଏ ନେଇ ମୌନି କହନ୍ତି, 'ସୂରଜ ଏବଂ ମୁଁ ପରସ୍ପରକୁ ବେଶ୍ କିଛି ବର୍ଷ ହେଲା ଜାଣିଛୁ। ଆମ ଭିତରେ ଥିବା ପ୍ରେମ ସମ୍ପର୍କ ଏବେ ବିବାହର ରୂପ ନେବାକୁ ଯାଉଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୨ରେ ଆମେ ବିବାହ କରିବୁ ବୋଲି ସ୍ଥିର ହୋଇଛି।' କରନ୍ ଜୋହରଙ୍କ ପ୍ରଯୋଜିତ, ରଣବୀର କପୁର ଏବଂ ଆଲିୟା ଭଟ୍ଟ ଅଭିନୟ କରିଥିବା ତଥା ରିଲିଜ ଅପେକ୍ଷାରେ ଥିବା 'ବ୍ରହ୍ମାସ୍ତ୍ର'ରେ ମୌନି ଅଭିନୟ କରିଛନ୍ତି। ଏହାବ୍ୟତୀତ ଆବାସ ମସ୍ତାନଙ୍କ ଅନଟାଇଟଲଡ୍ ଫିଲ୍ମରେ ସେ ବବି ଦେଓଲଙ୍କ ନାୟିକା ସାଜିଛନ୍ତି।


ମୌନି ରୟ


ହର୍ଷବର୍ଦ୍ଧନ

# ଘୋଡା ଚଢ଼ା ପାଇଁ

ଅନୀଲ କପୁରଙ୍କ ପୁଅ ହର୍ଷବର୍ଦ୍ଧନ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ମିର୍ଯ୍ୟା'। ଏହି ଫିଲ୍ମରେ ନିଜ ଭୂମିକା ତୁଲାଇବାକୁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ଏଥିପାଇଁ ତାଙ୍କୁ ଘୋଡା ଚଢ଼ାଠାରୁ ଆରମ୍ଭ କରି ତୀର ଚାଳନା ଶିଖିବାକୁ ପଡିଥିଲା। ବମ୍ବେରେ ଏଥିପାଇଁ ସବୁ ପ୍ରକାର ଆୟୋଜନ ହୋଇଥିଲା। କିନ୍ତୁ ଏଠାରେ ଘୋଡା ଚଢ଼ା ଶିଖିବା ସମୟରେ ସନ୍ତୁଷ୍ଟ ନ ଥିଲେ ହର୍ଷବର୍ଦ୍ଧନ। ତେଣୁ ତାଙ୍କୁ ଆମେରିକା ଯିବାକୁ ପଡିଥିଲା। ସେଠାରେ ସେ ଘୋଡାଚଢ଼ା ଶିଖିବା ସହ ଘୋଡାମାନଙ୍କ ସହ ପ୍ରତିଦିନ କିଛି ସମୟ କଟାଇଥିଲେ। ସେଠାରେ ସେ ତୀର ଚାଳନା ଏବଂ ପୋଲୋ ମଧ୍ୟ ଶିଖିଥିଲେ। ରାକେଶ ଓମ୍ ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଭାବରେ ଷ୍ଟାର ସ୍କ୍ରିନ୍ ଆୱାର୍ଡ ମିଳିଥିଲା। କିନ୍ତୁ ତା'ପରେ ସେ ହାତଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି। ଏ ନେଇ ସେ କହନ୍ତି, 'ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ଆଦୌ ଚିନ୍ତିତ ନୁହେଁ। ଏକଥା ସତ ଯେ ୟା ଭିତରେ ମୁଁ ମାତ୍ର କେତୋଟି ସିନେମାର ଅଭିନୟ କରିଛି। ଏଣୁତେଣୁ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବା ଏବଂ ସଫଳତା ନ ପାଇବା ସପକ୍ଷରେ ମୁଁ ନୁହେଁ। ତେଣୁ ଦେଖିଚାହିଁ ଫିଲ୍ମ ସାଇନ୍ କରିବି।'

# ଇମୋଶନାଲ କ୍ରିତି

କ୍ରିତି ସାନନ୍ କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। କିଛି ସପ୍ତାହ ପୂର୍ବରୁ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ତାଙ୍କୁ ସହଯୋଗ କରିଥିଲେ। ହେଲେ କାହାଣୀର କ୍ଲାଇମାକ୍ସ ସମୟରେ କ୍ରିତିଙ୍କ ଆଖି ଛଳଛଳ ହୋଇଯାଇଥିଲା। ହଠାତ୍ କ'ଣ ହେଲା ତାହା ମଧ୍ୟ ପ୍ରଯୋଜକ ଜାଣିପାରିଲେ ନାହିଁ। ଏ ସମ୍ପର୍କରେ କ୍ରିତି କହନ୍ତି, 'ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ମୁଁ କାହାଣୀ ସହ ଏପରି ମଜ୍ଜି ଯାଇଥିଲି ଯେ ମୁଁ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ।


କ୍ରିତି


ରକୁଲ୍

# କାହାକୁ ଡରନ୍ତି ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି ? ଝିଟିପିଟି। ଏପରି ଜୀବକୁ ଦେଖିଲେ ତାଙ୍କୁ ଭାରି ଭୟ ଲାଗେ। ଏକଦା ଏକ ଇନଡୋର ଶୁଟିଂ ସମୟରେ ସେ ଝିଟିପିଟିଟିଏ ଦେଖିଦେଲେ ଯେ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ଏ ନେଇ ରକୁଲ୍ କହନ୍ତି, 'ସତ କଥା ହେଲା ଝିଟିପିଟି ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ନିଜକୁ ପ୍ରସ୍ତୁତ କରି କ୍ୟାମେରା ସାମନା କରିବାକୁ ଯିବା ବେଳକୁ ମୋର ଆଖି ଗୋଟିଏ ଝିଟପିଟି ଉପରେ ପଡିଯାଇଥିଲା। ତା'ପରେ ମୁଁ ଡାଏଲଗ କହିବି କ'ଣ ଭୟରେ କ୍ୟାମେରା ସାମନାରୁ ଦୌଡି ପଳାଇ ଆସିଥିଲି।' ଏବେ ରକୁଲ୍ ଲଣ୍ଡନରେ ଡେରା ପକାଇଛନ୍ତି। ସେଠାରେ ଅକ୍ଷୟ କୁମାର ଏବଂ ତାଙ୍କୁ ନେଇ ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଚାଲୁ ରହିଛି। ଏହାବ୍ୟତୀତ ସେ ଅଭିନୟ କରିଥିବା ନୂଆ ସିନେମାଗୁଡିକ ମଧ୍ୟରେ ରହିଛି 'ଡକ୍ଟର ଜୀ' (ଆୟୁଷ୍ମାନ ଖୁରାନା), ଅଜୟ ଦେବଗନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ମେଡେ' ଏବଂ ଇନ୍ଦର କୁମାରଙ୍କ ଏକ କମେଡି ଫିଲ୍ମ।


ସମ୍ବିତ–ତମନ୍ନା

# ଅକ୍ସିଜେନ୍

ମଣିଷ ବଞ୍ଚିବା ପାଇଁ ଅକ୍ସିଜେନ୍‌ର ଭୂମିକା କ'ଣ ତାହା କହିବା ଅନାବଶ୍ୟକ। ତେବେ ଏପରି ଏକ ସନ୍‌ସେସ୍‌ନାଲ ବିଷୟବସ୍ତୁକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଭିନ୍ନ ଧରଣରର ଓଡିଆ ସିନେମା। ଏହାର ଟାଇଟଲ୍ ରହିଛି 'ଅକ୍ସିଜେନ୍'। ଉକ୍ତ ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡା. ରଶ୍ମୀରଞ୍ଜନ ପଣ୍ଡା। ଶିବ ପ୍ରସାଦ ପଣ୍ଡାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ଫ୍ୟାମିଲି ଡ୍ରାମା, ଇମୋଶନ ଏବଂ ଆକ୍ସନ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି 'ଜୋର୍ କା ଝଟକା', 'ଇନ୍ଦ୍ରଜାଲ୍' ଏବଂ 'ଲଗାମ୍'ର ନିର୍ଦ୍ଦେଶକ ପିନୁ ନାୟକ। ଡ. ନିର୍ମଳ ନାୟକ, ତପୁ ନାୟକ ଏବଂ ସତ୍ୟ ରଞ୍ଜନ ବଳଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ଅନ୍ୟତମ ସ୍ୱର ସଂଯୋଜକ ଅଭିଜିତ୍ ମଜୁମଦାର। ଏହାର ଲିଡ୍ ରୋଲ୍‌ରେ ସମ୍ବିତ–ତମନ୍ନା ଯୋଡି ବ୍ୟତୀତ ବବି ମିଶ୍ର, ବାବୁ ପ୍ରଧାନ, ଟନିଆ, କ୍ରିଷ୍ଣା, ଶ୍ରାବଣୀ, ରଶ୍ମୀ ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଆରପି ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି।

ପ୍ରଥମ ରୋଜଗାର

# ଟ୍ୟୁଶନ୍‌ରୁ ହୋଇଥିଲା ପ୍ରଥମ ରୋଜଗାର



ସାମାଜିକ କର୍ମୀ **ଅନୁରାଧା ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଟକରେ ମୋ ଜନ୍ମ ଓ ପାଠପଢ଼ା। ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ଶୈଳବାଳା ମହିଳା ମହାବିଦ୍ୟାଳୟରେ ସ୍ନାତକ ଯାଏ ପଢ଼ିଲି। ତା'ପରେ ରେଭେନ୍‌ଶାରେ ଇତିହାସରେ ପି.ଜି. କଲି। ପି.ଜି. ବେଳେ ତିନିଜଣ ସ୍କୁଲ୍ ପିଲାଙ୍କୁ ଟ୍ୟୁଶନ କରୁଥିଲି। ସେମାନେ ତିନିଶହ ଟଙ୍କା ଦେଉଥିଲେ ; ଯାହାକି ଥିଲା ମୋ ପ୍ରଥମ ରୋଜଗାର। ପ୍ରତିମାସ ଏହି ଟଙ୍କାକୁ ନେଇ ବ୍ୟାଙ୍କରେ ଡିପୋଜିଟ୍ କରୁଥିଲି। ବର୍ଷେ ପରେ ସେହି ଟଙ୍କାରେ ନିଜ ପାଇଁ ଏକ ମ୍ୟୁଜିକ୍ ସିଷ୍ଟମ୍ କିଣି ଆଣିଲି। କାରଣ ଗୀତ ଶୁଣିବା ମୋର ସଉକ ଥିଲା। ଘରର ଆର୍ଥିକାବସ୍ଥା ସ୍ୱଚ୍ଛଳ ଥିଲେ ବି ମୁଁ ଥିଲି ଖୁବ୍ ସ୍ୱାଭିମାନୀ। ନିଜର କୌଣସି ଦରକାରୀ ଜିନିଷ କିଣିବାକୁ ହେଲେ ମୁଁ ସହଜରେ ଘରେ ପଇସା ମାଗୁ ନଥିଲି। ନିଜ ପକେଟ୍ ମନିରୁ ସଞ୍ଚୟ କରି ସେ ଜିନିଷ କିଣିବାକୁ ଚେଷ୍ଟା କରୁଥିଲି। ତେବେ ସେ ଯାହା ହେଉ ପି.ଜି. ପରେ ଏଲ୍.ଏଲ୍.ବି. କଲି, ହେଲେ ପଢ଼ା ସରିବା ପୂର୍ବରୁ ମୋ ବାହାଘର ହୋଇଗଲା। ଶାଶୁଘର ଭୁବନେଶ୍ୱର ହୋଇଥିବାରୁ ବାହାଘର ପରେ ବି ପଢ଼ା ଜାରି ରଖିଲି। ବର୍ଷେ ପରେ ପୁଅ ହେଲା ଆଉ ମୁଁ ଘରଜଞ୍ଜାଳ ଭିତରେ ରହିଗଲି। ପୁଅ ସ୍କୁଲ୍ ଯିବାକୁ ଆରମ୍ଭ କରିବା ପରେ ମୋତେ ଟିକେ ସମୟ ମିଳିଲା। ଯେହେତୁ ମୋ ମା' ଜଣେ ଶିକ୍ଷୟିତ୍ରୀ ଥିଲେ ତେଣୁ ଶିକ୍ଷକତାରେ କ୍ୟାରିୟର୍ କରିବାକୁ ଚିନ୍ତାକରି ନର୍ସରୀ ଟିଚର୍ସ ଟ୍ରେନିଂ ନେଲି ଆଉ ଚାକିରି ପାଇଁ ସୈନିକ ସ୍କୁଲ୍‌ରେ ଆପ୍ଲାଏ କଲି। ୨୦୦୨ରେ ମୋତେ ଆଡହକ୍‌ରେ ଶିକ୍ଷୟିତ୍ରୀ ଚାକିରି ମିଳିଲା। ତେଣୁ ମାତ୍ର ୧୨୦୦ ଟଙ୍କା ଥିଲା ମୋ ଦରମା। ପ୍ରଥମ ଦରମା ପାଇବା ପରେ ସୁନ୍ଦରପଦାରେ ଥିବା ଏକ ବୃଦ୍ଧାଶ୍ରମକୁ ଗୋଟିଏ ୱାଟର୍ ଫିଲ୍‌ଟର୍ ଏବଂ ଦୁଇଟି ଫ୍ୟାନ୍ ଦାନ କରିଥିଲି। ମାତ୍ର ଦୁଇବର୍ଷ ଚାକିରି କରିବା ପରେ ମୋର ଝିଅଟିଏ ଜନ୍ମ ହେବାରୁ ପୁଣି ଜଞ୍ଜାଳ ବଢ଼ିଲା, ବାଧହେଲି ଚାକିରି ଛାଡ଼ିବାକୁ। ପ୍ରାୟ ୭/୮ ବର୍ଷ ଘରେ ରହି କେବଳ ଘର ଓ ପିଲାଙ୍କ କଥା ବୁଝିଲି। ହେଲେ କିଛି ଗୋଟେ କରିବାକୁ ଇଚ୍ଛା ଥିଲା। ପିଲାମାନେ ଟିକେ ବଡ଼ ହେଲାପରେ ସ୍ୱାମୀଙ୍କ ସହଯୋଗରେ ୨୦୧୧ରେ ଶିଶୁଦିବସ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ କଲି ; ଯେଉଁଥିରେ ବିଭିନ୍ନ ସ୍କୁଲ୍‌ରୁ ପ୍ରାୟ ୧୮୩ ଜଣ ପିଲା ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାଟି ଖୁବ୍ ଲୋକାଦୃତ ହେବାରୁ ମୋତେ ପ୍ରେରଣା ମିଳିଲା ଆଗକୁ ଆଉ କିଛି ନୂଆକରି ଦେଖାଇବାକୁ। ତେଣୁ ୨୦୧୩ରେ 'ସତ୍ୟନଗର ଲେଡିଜ୍ ଫୋରମ୍' ନାମରେ ଏକ ମହିଳା ସଂଗଠନ ଗଢ଼ିଲି। ମହିଳା ଓ ଶିଶୁଙ୍କର ସ୍ୱାସ୍ଥ୍ୟ କେମିତି ଭଲ ରହିବ, ଗରିବ ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ, ଅର୍ଥାଭାବରୁ ପାଠପଢ଼ାରୁ ବଞ୍ଚିତ ଶିଶୁମାନେ କେମିତି ପାଠ ପଢ଼ିବେ ଇତ୍ୟାଦି ହେଲା ଏହି ସଂଗଠନର ମୁଖ୍ୟ କାର୍ଯ୍ୟ। କର୍କଟ ରୋଗରେ ଆକ୍ରାନ୍ତ ଗରିବ ଲୋକେ କେମିତି ମାଗଣାରେ ଚିକିତ୍ସା ପାଇବେ ସେ ବ୍ୟବସ୍ଥା ବି ଏହି ସଂଗଠନ କରୁଥିଲା ଓ ଏବେ ବି କରୁଛି। ବର୍ତ୍ତମାନ ଏହି ସଂଗଠନରେ ୫୦ ଜଣ ସଦସ୍ୟା କାମ କରୁଛନ୍ତି। କରୋନା ସମୟରେ ସବୁ ସଦସ୍ୟାମାନେ ମିଶି ବିଭିନ୍ନ ବସ୍ତିକୁ ଯାଇ ମାସ୍କ ଓ ସାନିଟାଇଜର୍ ବାଣ୍ଟିବା ସହ ଏ ବିପତ୍ତିରୁ କେମିତି ରକ୍ଷା ପାଇବେ ସେ ନେଇ ଲୋକଙ୍କୁ ସଚେତନ କରାଇବା ସଙ୍ଗେସଙ୍ଗେ କରୋନା ରୋଗୀଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଇ ଭଲ କରାଇବାର ଦାୟିତ୍ୱ ବି ଆମେ ନେଇଥିଲୁ। ଏହି ସମାଜସେବାରୁ ଆମେ ସମସ୍ତେ ବହୁତ ଶାନ୍ତି ପାଉଛୁ ଆଉ ଭଗବାନଙ୍କୁ ଡାକୁଛୁ ଆଗକୁ ଏମିତି କାମ କରିବାକୁ ଆମକୁ ଧୈର୍ଯ୍ୟ ଓ ଶକ୍ତି ଦିଅନ୍ତୁ।

*–ଅନ୍ୱିତା*

# ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ...




**ପ୍ରଶ୍ନ–**ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*–ସୁଜିତ ସାହୁ, ବଲାଙ୍ଗୀର*

**ଉତ୍ତର:** ଧାଡି ନ ମାନି ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। 'ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ–**ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ଅସୀତ କୁମାର, ପୁରୀ*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ସୁକାନ୍ତ ମହନ୍ତ, ଢେଙ୍କାନାଳ*

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ–**ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ସୁମନ ରାଉତ, ଭୁବନେଶ୍ୱର*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

# ଚାନ୍ଦବାଲୀ ଇୟର ରିଂ





**ମହିଳାଙ୍କ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରିବାରେ ଇୟର ରିଂର ମଧ୍ୟ ରହିଥାଏ ବିଶେଷ ଭୂମିକା। ସେଥିପାଇଁ ବିଭିନ୍ନ ଡିଜାଇନ୍‌ର ଇୟର ରିଂ ମାର୍କେଟ୍‌ରେ ମିଳିଥାଏ। ଚାନ୍ଦ୍‌ବାଲି ଇୟର୍ ରିଂ ହେଉଛି ତନ୍ମଧ୍ୟରୁ ଗୋଟିଏ। ଏହାର ଟ୍ରେଣ୍ଡ କେବେ ବି ପୁରୁଣା ହୁଏନାହିଁ। ପାରମ୍ପରିକ ହେଉ ଅବା ଆଧୁନିକ ପୋଷାକ, ସବୁ ସାଙ୍ଗରେ ଏହା ବେଶ୍ ଭଲ ମାନିଥାଏ...**




ଚାନ୍ଦ୍‌ବାଲି ଇୟର୍ ରିଂର ଟ୍ରେଣ୍ଡ କେବେ ବି ପୁରୁଣା ହୁଏ ନାହିଁ। ପାର୍ଟି ୱେର୍ ଶାଢ଼ି ହେଉ ଅବା ଲେହେଙ୍ଗା କିମ୍ବା ଅନାରକଲି ସହିତ ଏହା ବେଶ୍ ଭଲ ମାନିଥାଏ। ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ବି ଏହାକୁ ଟ୍ରାଏ କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳେ। କିନ୍ତୁ ଧ୍ୟାନ ଦେବେ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ କେବେ ବି ଅଧିକ ଷ୍ଟୋନ୍ ଲାଗିଥିବା କିମ୍ବା ହେଭି କାମ ହୋଇଥିବା ଚାନ୍ଦ୍‌ବାଲି ଇୟର୍ ରିଂ ପିନ୍ଧିବେ ନାହିଁ। ସିମ୍ପଲ୍ ଷ୍ଟାଇଲ୍‌ର ଇୟର ରିଂ ହିଁ ଏହି ଆଉଟ୍‌ଫିଟ୍‌କୁ ବେଶ୍ ମାନେ। ତେବେ କେଉଁ ଷ୍ଟାଇଲ୍‌ର ଚାନ୍ଦ୍‌ବାଲି ଇୟର ରିଂ କେଉଁ ଆଉଟ୍‌ଫିଟ୍ ସହ ମାନିବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**କୁନ୍ଦନ ଚାନ୍ଦ୍‌ବାଲି:** କୁନ୍ଦନ କାମ ହୋଇଥିବା ଚାନ୍ଦ୍‌ବାଲି ଇୟର ରିଂ ଦେଖିବାକୁ ଯେମିତି ସୁନ୍ଦର ଲାଗେ ପିନ୍ଧିଲେ ସେମିତି ଆକର୍ଷଣୀୟ ଲୁକ୍ ମିଳିଥାଏ। ବିଶେଷକରି ଶାଢ଼ି, ଅନାରକଲି ଅବା ଲେହେଙ୍ଗା ସହ ଏହି ଇୟର ରିଂ ବେଶ୍ ମାନିଥାଏ। ଅନେକ ସମୟରେ ଦେଖାଯାଏ ଏହି ଇୟର ରିଂରେ କୁନ୍ଦନ ଖଚିତ ହେବା ସହ ତଳଭାଗରେ ପର୍ଲ ମଧ୍ୟ ଲାଗିଥାଏ, ଯାହା ଇୟର ରିଂର ଲୁକ୍‌କୁ ଆହୁରି ସୁନ୍ଦର କରିଦେଇଥାଏ।

**ଝୁମ୍‌କା ଷ୍ଟାଇଲ୍ ଚାନ୍ଦ୍‌ବାଲି:** ଝୁମ୍‌କା ଷ୍ଟାଇଲ୍‌ର ଇୟର ରିଂ ଦେଖିବାକୁ ତ ସେମିତି ସୁନ୍ଦର ହୋଇଥାଏ। ଆଉ ତା'ସାଙ୍ଗକୁ ଚାନ୍ଦ୍‌ବାଲି ଡିଜାଇନ୍‌ର ଇୟର୍ ରିଂ ମିଶିଗଲେ ଏହାର ଲୁକ୍ ଯେ କେତେ ଆକର୍ଷଣୀୟ ଦେଖାଯାଉଥିବ, ଏହିଥିରୁ ଅନୁମାନ କରିପାରୁଥିବେ। ପୂଜାପାର୍ବଣ ସମୟରେ ଗର୍ଜିୟସ୍ ଶାଢ଼ି ହେଉ ଅବା ଯେ କୌଣସି ପାରମ୍ପରିକ ପୋଷାକ ସହ ଏହି ଷ୍ଟାଇଲ୍‌ର ଇୟର୍ ରିଂକୁ ଟ୍ରାଏ କଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଅକ୍ସିଡାଇଜ୍ଡ ଚାନ୍ଦ୍‌ବାଲି ଇୟର ରିଂ:** ଅକ୍ସିଡାଇଜ୍ଡ ଜୁଏଲେରି ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ତେଣୁ ଚାନ୍ଦ୍‌ବାଲି ଷ୍ଟାଇଲ୍‌ର ଅକ୍ସିଡାଇଜ୍ଡ ଇୟର ରିଂକୁ ଯୁବତୀମାନେ ଉଭୟ ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ହେଉ ଅବା ୱେଷ୍ଟର୍ନ ଆଉଟଫିଟ୍ ସହ ଆରାମରେ ଟ୍ରାଏ କରିପାରିବେ।

**ଚାନ୍ଦ୍‌ବାଲି ଟେମ୍ପଲ୍ ଜୁଏଲେରି:** ସାଧାରଣତଃ ଟେମ୍ପଲ୍ ଜୁଏଲେରି ପ୍ରତି ଦକ୍ଷିଣ ଭାରତୀୟ ମହିଳାମାନଙ୍କର ଖୁବ୍ ଆଦର ଓ ଶ୍ରଦ୍ଧା ରହିଥାଏ। କିନ୍ତୁ ବର୍ତ୍ତମାନର ଫ୍ୟାଶନ ଦୁନିଆରେ ଏହାକୁ ସବୁ ବର୍ଗର ମହିଳାମାନେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଯେହେତୁ ଏହି ଜୁଏଲେରି ହେଭି ଡିଜାଇନ୍‌ର ହୋଇଥାଏ, ତେଣୁ ଏହାକୁ ହେଭି ୱାର୍କବାଲା ଶାଢି କିମ୍ବା ଲେହେଙ୍ଗା ସହ ହିଁ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଆଉ ଯେତେବେଳେ ଚାନ୍ଦ୍‌ବାଲି ଟେମ୍ପଲ୍ ଡିଜାଇନ୍ ଇୟର ରିଂର କଥା ଉଠେ, ସେତେବେଳେ ଗୋଲ୍ଡେନ୍ ବର୍ଡରବାଲା ଶାଢ଼ି ହେଉ ଅବା ସାଲୱାର୍ କିମ୍ବା ଲେହେଙ୍ଗା ସହ ଏହାକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ। ବିଶେଷକରି ପୂଜାପାର୍ବଣ ସମୟରେ ଏହି ଷ୍ଟାଇଲ୍‌ର ଇୟର ରିଂକୁ ପିନ୍ଧିଲେ ଚେହେରା ପୂରିଲା ପୂରିଲା ଦେଖାଯାଇଥାଏ।







## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସ୍ୱାଗତ ସୁଚରିତା

# ହାଃ ହାଃ

## ଗୀତ

ମଣ୍ଟୁ ସରୋଜକୁ– ଜାଣିଛୁ ମୁଁ ଜମାରୁ ଗୀତ ଗାଇପାରେନା। ହେଲେ ଦିନେ ସାର୍ ମତେ ଜବରଦସ୍ତୀ ଗୀତ ଗାଇବାକୁ ଠିଆ କରେଇଦେଲେ।

ସରୋଜ– ତୁ କ'ଣ କଲୁ?

ମଣ୍ଟୁ– ମୁଁ କ'ଣ ଛାଡ଼ିବା ପିଲା। ଜାତୀୟ ସଙ୍ଗୀତ ଗାଇ ମୁଁ ବି ସମସ୍ତଙ୍କୁ ଠିଆ କରେଇଦେଲି।

## ସମସ୍ୟା

ସ୍ତ୍ରୀ ସ୍ୱାମୀଙ୍କୁ– ତୁମ ଜୀବନର ସବୁଠୁ ବଡ଼ ସମସ୍ୟା କ'ଣ?

ସ୍ୱାମୀ କିଛି ନ କହି କେବଳ ବଲ ବଲ କରି ଚାହିଁ ରହିଲେ।

ସ୍ତ୍ରୀ– କିଛି ଉତ୍ତର ନ ଦେଇ ମତେ କାହିଁକି ଏମିତି ଚାହିଁ ରହିଛ?

## ସନ୍ଦେହୀ

ସ୍ତ୍ରୀ ସ୍ୱାମୀଙ୍କ ସାର୍ଟ ଚେକ୍ କରି: ଏତେଦିନ ହେଲାଣି ତୁମ ସାର୍ଟରୁ କୌଣସି ଝିଅର ଚୁଟି ମୁଁ ପାଇନି।

ସ୍ୱାମୀ– ତମେ ତ ଖୁସି ହେବା କଥା।

ସ୍ତ୍ରୀ– ମୁଁ ଜାଣିଛି ତମେ ବହୁତ ଚାଲାକ୍। କୁହ, ସେଇ ଲାଣ୍ଡି ଝିଅର ନାଁ କ'ଣ?

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ନୈନା ଦେବୀ ମନ୍ଦିର







**ପବିତ୍ର ନୈନା ଦେବୀ ମନ୍ଦିର ହିମାଚଳ ପ୍ରଦେଶର ବିଳାସପୁର ଜିଲାରେ ଅବସ୍ଥିତ। ଏହା ଏକ ଶକ୍ତିପୀଠ। ମାନ୍ୟତା ଅନୁସାରେ, ଏଠାରେ କୁଆଡ଼େ ମାତା ସତୀଙ୍କର ନୟନ ପଡ଼ିଥିଲା, ଯେଉଁଥିପାଇଁ ଏହାର ନାମ ନୈନା ଦେବୀ ମନ୍ଦିର ରଖାଯାଇଛି...**

ହିମାଚଳ ପ୍ରଦେଶର ବିଳାସପୁର ଜିଲାରେ ମାତା ନୈନା ଦେବୀଙ୍କ ମନ୍ଦିର ଅବସ୍ଥିତ। ବିଶ୍ୱରେ ଦେଖିବାକୁ ମିଳୁଥିବା ୫୧ଟି ଶକ୍ତିପୀଠ ମଧ୍ୟରୁ ଏହା ଗୋଟିଏ। ପୁରାଣ ପୃଷ୍ଠାରୁ ଜଣାଯାଏ ଯେ, ଏକଦା ଦକ୍ଷ ପ୍ରଜାପତି ଏକ ଭବ୍ୟ ଯଜ୍ଞର ଆୟୋଜନ କରିଥିଲେ। କିନ୍ତୁ ସେହି ଯଜ୍ଞକୁ ସେ ନିଜ ପୁତ୍ରୀ ମାତା ସତୀ ଏବଂ ଜାମାତା ଭଗବାନ ଶିବଙ୍କୁ ଆମନ୍ତ୍ରିତ କରି ନ ଥିଲେ। ଏକଥା ମାତା ସତୀଙ୍କୁ ବହୁତ ବାଧିଥିଲା। ଏହାର କାରଣ କ'ଣ ପିତାଙ୍କଠାରୁ ଜାଣିବା ପାଇଁ ବିନା ଆମନ୍ତ୍ରଣରେ ବି ସେ ଯଜ୍ଞସ୍ଥଳକୁ ଯାଇଥିଲେ। କିନ୍ତୁ ସେଠାରେ ଭଗବାନ ଶିବଙ୍କର ଘୋର୍ ଅପମାନ ହେଉଥିବାର ଦେଖି ସେ ସହି ନ ପାରି ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଇଦେଲେ। ଭଗବାନ ଶଙ୍କର ଯେତେବେଳେ ଏ ଘଟଣା ସମ୍ପର୍କରେ ଜାଣିଲେ ଦୁଃଖ ଆଉ କ୍ରୋଧରେ ମାତା ସତୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ କାନ୍ଧରେ



ପକାଇ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ ଥରହର ହୋଇଉଠିଲା। ଏହି ମହାବିପତ୍ତିରୁ ରକ୍ଷା ପାଇବା ପାଇଁ ଦେବଗଣ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ଶେଷରେ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ମାତାଙ୍କର ଗୋଟିଏ ଗୋଟିଏ ଅଙ୍ଗକୁ କାଟି ଚାଲିଲେ। ଯେଉଁଠି ଯେଉଁଠି ମା'ଙ୍କର ଅଙ୍ଗ ପଡ଼ିଲା ପରବର୍ତ୍ତୀ ସମୟରେ ତାହା ଏକ ଶକ୍ତିପୀଠରେ ପରିଣତ ହେଲା। କୁହାଯାଏ, ହିମାଚଳ ପ୍ରଦେଶର ଏହି ସ୍ଥାନରେ ମାତା ସତୀଙ୍କର କୁଆଡ଼େ ନୟନ ବା ନେତ୍ର ପଡ଼ିଥିଲା ; ସେଥିପାଇଁ ଏହାର ନାମ ନୈନା ଦେବୀ ରଖାଗଲା। କେହି କେହି ଏହି ପୀଠକୁ ନୟନା ଦେବୀ ବୋଲି ମଧ୍ୟ କହିଥାନ୍ତି।

### ମନ୍ଦିରର ଗଠନଶୈଳୀ

ଶିବାଲିକ୍ ପର୍ବତଶ୍ରେଣୀର ଏକ ପାହାଡ଼ ଉପରେ ଅବସ୍ଥିତ ନୈନା ଦେବୀ ମନ୍ଦିର ହେଉଛି ସ୍ଥାନୀୟ ଏକ ଶକ୍ତିପୀଠ। ସମୁଦ୍ରପତ୍ତନଠାରୁ ପ୍ରାୟ ୧୧୦୦ ମିଟର ଉଚ୍ଚତାରେ ଅବସ୍ଥିତ ଏହି ମନ୍ଦିରରେ ଥିବା ଏକ ପୁରୁଣା ଅଶ୍ୱତ୍ଥ ବୃକ୍ଷ ହେଉଛି ଉକ୍ତ ମନ୍ଦିରର ପ୍ରମୁଖ ଆକର୍ଷଣ। ମନ୍ଦିରର ମୁଖ୍ୟ ଦ୍ୱାରର ଡାହାଣ ପଟେ ଭଗବାନ ଗଣେଶ ଓ ପ୍ରଭୁ ହନୁମାନଙ୍କର ମୂର୍ତ୍ତି ଶୋଭା ପାଇଥାଏ। ମୁଖ୍ୟ ଦ୍ୱାରକୁ ପାରକରି ଆଗକୁ ବଢ଼ିବା ମାତ୍ରେ ସମ୍ମୁଖରେ ଦୁଇଟି ସିଂହଙ୍କର ପ୍ରତିମା ଦେଖିବାକୁ ମିଳିଥାଏ। ସେହିପରି ମନ୍ଦିରର ଗର୍ଭଗୃହରେ ତିନି ଦେବଦେବୀଙ୍କର ମୂର୍ତ୍ତି ଥିବାର ଦେଖିବାକୁ ମିଳେ। ଯେମିତିକି: ଡାହାଣ ପଟେ ମାତା କାଳୀ, ମଧ୍ୟଭାଗରେ ମାତା ନୈନା ଦେବୀ ଏବଂ ବାମ ପଟେ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରହିଛି। ସେହିପରି ମନ୍ଦିରଠୁ କିଛି ଦୂରରେ ରହିଛି ଏକ ପବିତ୍ର ଜଳକୁଣ୍ଡ। ତା'ଛଡ଼ା ଏହି ମନ୍ଦିର ନିକଟରେ ଅଛି ଏକ ଗୁମ୍ଫା ; ଯାହା ନୈନା ଦେବୀ ଗୁମ୍ଫା ନାମରେ ପରିଚିତ। ପର୍ଯ୍ୟଟକ ଚାହିଁଲେ ଉକ୍ତ ଗୁମ୍ଫା ନିକଟକୁ ଯାଇ ବି ବୁଲିପାରିବେ।

### ପ୍ରମୁଖ ପର୍ବପର୍ବାଣି

ଏହି ମନ୍ଦିରରେ ନବରାତ୍ରୀ ଉତ୍ସବକୁ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ସେହି ସମୟରେ ଏଠାରେ ବଡ଼ ମେଳାର ଆୟୋଜନ ହୁଏ ; ଯାହାକୁ ଦେଖିବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ଏଠାରେ ପ୍ରତ୍ୟହ ମା'ଙ୍କୁ ଛପନ ପ୍ରକାରର ପଦାର୍ଥରେ ତିଆରି ଭୋଗ ଅର୍ପଣ କରାଯାଇଥାଏ। ନବରାତ୍ରୀ ପରି ଶ୍ରାବଣ ଅଷ୍ଟମୀ ସମୟରେ ବି ଏଠାରେ ମେଳା ଲାଗିଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ନବରାତ୍ରୀ ଅଥବା ଦଶହରା ସମୟରେ ଏଠାକୁ ଗଲେ ମା'ଙ୍କର କରୁଣା ଲାଭ କରିବା ସହ ମେଳା ବୁଲିବାର ଆନନ୍ଦ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଦିଲ୍ଲୀରୁ ପ୍ରାୟ ୩୩୭ କି.ମି. ଦୂରରେ ଥିବା ଏହି ମନ୍ଦିରକୁ ପର୍ଯ୍ୟଟକ ବସ୍ ହେଉ ଅବା ଟ୍ରେନ୍ ଅଥବା ନିଜସ୍ୱ ଗାଡ଼ିରେ ଆରାମରେ ବୁଲି ଯାଇପାରିବେ।









# ଟ୍ୟାକ୍ସି ଛାତ ଉପରେ ଚାଷ

**କ**ରୋନା ପାଇଁ ଅନେକଙ୍କ କାମଧନ୍ଦା ଠପ୍ ହୋଇଗଲା। ତା'ମଧ୍ୟରେ ଟ୍ୟାକ୍ସି ଡ୍ରାଇଭରଙ୍କ ବ୍ୟବସାୟ ବି ରହିଛି। ବ୍ୟବସାୟ ବନ୍ଦ ହୋଇ ଗାଡ଼ିଗୁଡିକ ଖାଲିରେ ଠିଆ ହୋଇ ରହିଲା। ହେଲେ ଥାଇଲାଣ୍ଡରେ ଅଦରକାରୀଭାବେ ଠିଆ ହୋଇ ରହିଥିବା ହଜାର ହଜାର ଟ୍ୟାକ୍ସିକୁ ଏକ ଅଭିନବ ଉପାୟରେ ବ୍ୟବହାର କରାଯାଇଛି। ସାଧାରଣତଃ ଟ୍ୟାକ୍ସିର ଛାତରେ ଯାତ୍ରୀଙ୍କ ଜିନିଷପତ୍ର ରଖାଯାଇଥାଏ। ହେଲେ ଥାଇଲାଣ୍ଡରେ ଟ୍ୟାକ୍ସି ଛାତ ଉପରେ ପଲିଥିନ ପକାଇ ତା' ଉପରେ ମାଟି, ଖତ ଆଦି ରଖି ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଉଥିବା ଦେଖିବାକୁ ମିଳୁଛି, ଯାହା 'କାର୍ ରୁଫ୍ ଗାର୍ଡେନ' ଭାବେ ପରିଚିତ। ଏହାଦ୍ୱାରା ଟ୍ୟାକ୍ସି ଡ୍ରାଇଭରଙ୍କର ଅର୍ଥାଭାବ ଦୂର ନ ହେଲେ ବି ସମୂହ ପରିବା ସଂଗ୍ରହକରି ତାକୁ ବିକି କିଛିଟା ରୋଜଗାର କରିପାରୁଛନ୍ତି। ଏଠାକାର ଦୁଇଟି ଟ୍ୟାକ୍ସି ଅପରେଟିଭ ସମିତି ଏହି ଅଭିନବ ଉପାୟ ଆପଣେଇଥିଲେ। ଆଉ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା କରୋନା ପାଇଁ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା।

## କାର୍ଟୁନ କର୍ନର



କଥା ଟାଟ୍

# ପାହାନ୍ତିଆ ସପନ

ଶ୍ରୀମାନ୍ ସର୍ବଗିଳା

ଗଲାକାଲି ରାତିରେ ଯେଉଁ ପାହାନ୍ତିଆ ସପନ ଦେଖିଲି, ମନେପଡ଼ିଗଲେ ଦେହ ମୁଣ୍ଡ ଶୀତେଇ ଆସୁଛି। ଖୁବ୍ ଜାକଜମକରେ ଘଣ୍ଟ ଘଣ୍ଟା ବାଦ୍ୟବାଜି ଦୁର୍ଗା ମା'ଙ୍କର ପୂଜା ହେଉଥାଏ। ହଠାତ୍ ମହିଷାସୁର ଉଠିପଡି ମା' ଦୁର୍ଗାଙ୍କୁ ପ୍ରଶ୍ନ କଲା, ''ହେ ଦୁର୍ଗେ! ତମକୁ ଦୟାମୟୀ ବୋଲି କିଏ ସେ କହୁଛି''? ଦୁର୍ଗା କହିଲେ ରେ ବତ୍ସ! ସାରା ଜଗତ ମତେ ଜଗତ ଜନନୀ କରୁଣାମୟୀ, ଦୟାମୟୀ, ଦୁର୍ଗତିନାଶିନୀ ମା' ବୋଲି ଡାକୁଛି, ଏଥିରେ କ'ଣ ତମର ସନ୍ଦେହ ରହିଛି?

ମହିଷା କହିଲା– ତମ ହୃଦୟରେ ତ ଦୟା ବୋଲି ଟିକିଏ ନାହିଁ। ତୁଚ୍ଛାକୁ ବୋଲଉଛ ଦୟାମୟୀ। ଯଦି ତମର ଟିକେ ଦୟା ବୋଲି ଜିନିଷଟେ ଥାନ୍ତା, ''ତେବେ ମୋ ଦୁଃଖ କ'ଣ ଦୂର ହୋଇ ନ ଥାନ୍ତା?''

ଦୁର୍ଗା କହିଲେ, ରେ ମହିଷା, ତୋର ପୁଣି କି ଦୁଃଖ ଦୁର୍ଦ୍ଦଶା? କିରେ ତୁ' ତ ମୋ ପାଖେ ରହିଛୁ। ମୁଁ ଯାହା ଖାଉଛି ତୁ ସେୟା ଖାଉଛୁ। ଧୂପଦୀପ, ଝୁଣାର ମହମହ ଗନ୍ଧ ଶୁଙ୍ଘୁଛୁ। ଏତେ ପରେ ବି ମୋ ନାଁରେ କମ୍ପ୍ଲେନ୍ କରୁଛୁ?

ମହିଷା କହିଲା ହଁ, ଧୂପ ଦୀପ, ଝୁଣା ଗନ୍ଧ ଶୁଙ୍ଘୁଛି, ନା ଏକା ଖଞ୍ଜାରେ ଆଣ୍ଠେଇ ଚିତ୍‌ପଟା ହୋଇ ପଡି ପଡି ପିଠିରେ ମୋ କୁଜ ବାହାରୁଛି।

ଆହା ଏତେ ବଡ ପୂଜା ଛୁଟିରେ କିଏ କୁଆଡ଼େ ପିଲାଛୁଆ ଧରି ବୁଲି ଯାଉଛନ୍ତି, କେତେ କ'ଣ କିଣୁଛନ୍ତି, ଖାଉଛନ୍ତି, ଖେଳି ମଜା କରୁଛନ୍ତି, ହେଲେ ମୁଁ ଏଇଠି ଏମିତି ବଧ ମୁଦ୍ରାରେ ଦିନେ ଓଳିଏ ନୁହେଁ ପୂରା ଦଶଦିନ ଯାଏ ପଡ଼ିଛି ଯେ ପଡ଼ିଛି। ଏଡ଼େ ବଡ଼ ତ୍ରିଶୂଳ ମୋ ଛାତିରେ ଫୁଟେଇ ରଖିଛ ଯେ, ନା ମୁଁ ହଲି ପାରୁଛି ନା ବୁଲି ପାରୁଛି। ଅଣ୍ଟା, ପିଠି, ଆଣ୍ଠୁ ଦରଜ ହୋଇ ମୋର ଗଣ୍ଠିବାତ ବାହାରି ପଡ଼ିଲାଣି। ବେଳକୁ ବେଳ ଢେର ଯନ୍ତ୍ରଣା ବଢ଼ିଲାଣି। ମୁଁ ଆଉ ଏ କାମ ପାରିବିନି। ତମେ ଆଉ କାହାକୁ ଦେଖ। ମତେ ଏଥର ଛୁଟି ଦିଅ।

ଦୁର୍ଗା କହିଲେ, ''କିରେ! ଏଇଟା ପରା ତୋ ସେବା, ଫି ବରଷ ତୁ ଏମିତି ଚିତ୍ ହୋଇ ପଡ଼ିଥିବୁ, ମୁଁ ତୋ ଛାତିକି ତ୍ରିଶୂଳରେ କେଞ୍ଚୁଥିବି। ମହିଷା କହିଲା ସେବା? ମାନେ ଚାକିରି? ଏଇ ସେବା ନାମଧାରୀ ଚାକିରିଆଙ୍କର ବରଷକୁ ବରଷ ବେତନ ବଢୁଛି, ଛୁଟି ମିଳୁଛି। ପ୍ରମୋଶନ ହେଉଛି। ହେଲେ ମୋର? ମୋର ଖାଲି ଯନ୍ତ୍ରଣା ବଢୁଛି। ଆହେ କୋଉ କାଳେ କ'ଣ ଭୁଲ୍ କରିଥିଲି ବୋଲି ଏମିତି ଦଣ୍ଡ ମୋର ଦୁନିଆ ଦେଖୁଛନ୍ତି। ହେଲେ ମୋଠାରୁ ଆହୁରି ଭୟଙ୍କର 'ମଣିଷ ଅସୁର' ସେମାନେ ତ ଫ୍ରିରେ ମଜାରେ ବୁଲୁଛନ୍ତି। ସରକାରୀ ପାଣ୍ଠିଗିଳା, ଜମିହଡ଼ପିଆ, ଠକ, ଭଣ୍ଡ, ପେଟରୁ ଭ୍ରୂଣ ହତ୍ୟାକାରୀ, ଗଛକାଟିଜଙ୍ଗଲ ଲୁଟୁଥିବା ଲୋକ, ପିସି ଖାଇ ଦୁର୍ବଳ ପୋଲ କରି ଭୁଶୁଡଉଥିବା ଧୋବଲାଠକଠାରୁ ଏଟିମ୍ ଲୁଟ୍ କରି ତ କିଏ ଦିନ ଦି'ପ୍ରହରେ ହତ୍ୟା କରି ନିର୍ଭୟରେ ବୁଲୁଛନ୍ତି। ଏମାନେ ତ ମୋ'ଠୁ କମ୍ ନୁହନ୍ତି? କାହିଁ ଏମାନଙ୍କୁ ଧରି ଗୋଟାଗୋଟା ମାରୁନାହଁ କିଆଁ? ତେବେ ତମେ ଶକ୍ତିମୟୀ ବୋଲି ଦେଖନ୍ତା ଦୁନିଆ।



ଦୁର୍ଗା କହିଲେ କ୍ରୋଧ ଶାନ୍ତ କର ବତ୍ସ! ତାଙ୍କ ପାଳି ନିଶ୍ଚୟ ପଡ଼ିବ। ପାପଭରା ବଢ଼ିଗଲେ କୋଉ ପୁଅ ରଖିବ? ଦିନେ ନା ଦିନେ ଧରାହେବେ। ଜେଲ୍ ଯିବେ, ଫାଶିରେ ଝୁଲିବେ। ଆଚ୍ଛା, ତୁ ମତେ କହ। ତତେ ଛୁଟି ଦେଲେ, ତୋର ଦରମା ବଢ଼େଇଲେ ଫି ବରଷ ଏମିତି ଆସିବୁ ଆଉ ବଧମୁଦ୍ରାରେ ପଡ଼ିବୁ ତ? ମହିଷା କହିଲା– ନା, ଆସି କ'ଣ ଏମିତି କଲବଲ ହେବି। ପୁଣି ବିସର୍ଜନ ବେଳେ କେତେବେଳେ ବଢ଼ିନଈରେ ପଡ଼ିବି ତ ପୁଣି କେତେବେଳେ ପାଣି ନ ଥିବା ଡହ ଡହ ଶୁଖିଲା ତତଲା ବାଲିରେ ପଡ଼ି ପଡ଼ି ଶୁଖୁଆ ହେବି? ବରଂ ଆଧୁନିକ ବାବା କି ଗୁରୁବେଶ ହେବି, ପ୍ରବଚନ ଦେବି ତ କେତେବେଳେ ଦାନବ ମୁଁ ମାନବବାଦର କଥା କହି ଗଳାରେ ଗେଣ୍ଡୁମାଳ ଗଣ୍ଡା ଗଣ୍ଡା ଗଳେଇ ପୂଜା ପାଇବି। ଶୁଣନ୍ତୁ ଦୁର୍ଗେ। ଆମେ ଏମିତି ରୂପ ବେଶ ବଦଳେଇ ତୁମକୁ ପ୍ରତିବର୍ଷ ଆବାହନ କରୁଥିବୁ– ବିସର୍ଜନ ଦେଉଥିବୁ। ଯାହାର ଆବାହନ ଅଛି– ତା'ର ବିସର୍ଜନ ଅଛି। ହେଲେ ମହିଷାର ନାହିଁ ଆବାହନ କି ମଣିଷ ବେଶରେ ଅସଂଖ୍ୟ ସୀତା, ଦୁର୍ଗା, ଛବିରାଣୀ, ବେବିନା, ନିର୍ଭୟାଙ୍କୁ କାମଜୁଇରେ ଜଳେଇ ପୋଡ଼େଇ ମାରିଚାଲିଥିବୁ ତ ପୁଣି କେତେବେଳେ ବୈଜ୍ଞାନିକ ବୋଲେଇ ଚାଇନାର ଉହାନରୁ କରୋନା ଭୂତାଣୁ ଜନମେଇ ସାରା ଜଗତକୁ ମରଣର ସ୍ୱାଦ ଚଖେଇ ଚାଲିଥିବୁ। ଆମେ ମଣିଷାସୁର... ଚିରକାଳ ଅଜେୟ ଅମର...।

ନିଦ ଭାଙ୍ଗିଗଲା କାହାର ଚିତ୍କାରରେ। ଖବରକାଗଜବାଲା ଦୁଆରେ ପକେଇ ଚାଲିଗଲା ଖବରକାଗଜ। ପ୍ରଥମ ପୃଷ୍ଠାରେ ତାଲିବାନି ଶାସନରେ ନାରୀ ଉପରେ ହେଉଥିବା ଅତ୍ୟାଚାର ପଢ଼ି ଛାତି ଥରିଉଠୁଥିଲା...। ଦୁର୍ଗାମେଢ଼ ଚାରିଫୁଟରୁ ବଢ଼େଇବାକୁ ଆନ୍ଦୋଳନ ଜାରି ରହିଥିଲା।

*–ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ–୨*

*ମୋ: ୭୦୦୮୧୮୮୪୭*

## ପୁସ୍ତକ ସମୀକ୍ଷା


### ମ୍ଲାନ ମଧ୍ୟାହ୍ନ

ଲେଖିକା– ସଂଧ୍ୟା ନାୟକ ମହାନ୍ତି

ପ୍ରକାଶକ–କାବ୍ୟାଲୋକ, ଭୁବନେଶ୍ୱର–୨

ମୂଲ୍ୟ–୧୫୦ ଟଙ୍କା

ସଂଧ୍ୟା ନାୟକ ମହାନ୍ତିଙ୍କ ଏହି ଗଳ୍ପ ସଂକଳନଟିରେ ୧୨ଟି ଗପ ସ୍ଥାନ ପାଇଛି। ୭ ନମ୍ବର ଗପ ହେଉଛି ମ୍ଲାନ ମଧ୍ୟାହ୍ନ ଯାହାକୁ ନେଇ ବହିର ନାମକରଣ କରାଯାଇଛି। ନିର୍ଲିପ୍ତା ଆଉ ନିଶାନ୍ତ ଉଭୟଙ୍କ ଚରିତ୍ରକୁ ଗାଳ୍ପିକା ଗପରେ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ସାରୁପତ୍ରରେ ଢଳ ଢଳ ଟୋପାଏ ଜଳ ପରି ଏ ଜୀବନ। ସବୁ ସୁଖ ସମ୍ପଦ ଅସାର ହୋଇ ପଡ଼ିରହିବ। ଏହି ସତ୍ୟକୁ ମଣିଷ ଜାଣେ। କିନ୍ତୁ ଦୁର୍ବୋଧ୍ୟ ଅଭୀପ୍‌ସାରେ ମାଡ଼ିଚାଲେ ଅମଡ଼ା ବାଟ। ଗଳ୍ପଗୁଡ଼ିକରେ ନାରୀର ମନସ୍ତତ୍ତ୍ୱ, ସଂଘର୍ଷ ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମ୍ନା କରୁଥିବା ଅନେକ ଦୁଃଖ ଓ ଅବସୋସକୁ ଭାବନାର ରଙ୍ଗ ଦେଇ ଗାଳ୍ପିକା ଫୁଟାଇବାକୁ ଚେଷ୍ଟା କରିଛନ୍ତି ତାଙ୍କ ଗପ ମାଧ୍ୟମରେ। ତେଣୁ ମ୍ଲାନ ମଧ୍ୟାହ୍ନର ଭାବ ଆଉ ଭାବନାରେ ନିଶ୍ଚୟ ପାଠକ ହଜିଯିବେ ବୋଲି ଆଶା ଓ ବିଶ୍ୱାସ। ପୁସ୍ତକଟି ସୁଖପାଠ୍ୟ ହେବ।





### ଅଜ୍ଞାତ ସତ୍ୟ

ଲେଖକ–ହରମୋହନ ମିଶ୍ର

ପ୍ରକାଶିକା–ଲୁଲୁମଣି ସେନାପତି, ଭୁବନେଶ୍ୱର

ମୂଲ୍ୟ–୧୫୦ ଟଙ୍କା





ଅଜ୍ଞାତ ସତ୍ୟ ପୁସ୍ତକର ଲେଖକ ହେଉଛନ୍ତି ହରମୋହନ ମିଶ୍ର। ଉକ୍ତ ପୁସ୍ତକରେ ୧୮ଟି ବିଷୟ ସ୍ଥାନିତ ହୋଇଛି। ଅଜ୍ଞାତ ସତ୍ୟର ମର୍ମ ହେଲା ସତ୍ୟ ହିଁ ସତ୍ୟ, ଏହାର ପ୍ରକାରଭେଦ ନାହିଁ। କିନ୍ତୁ ଆମ ମାନସପଟରେ ସତ୍ୟର ପ୍ରକାରଭେଦ ସମ୍ପର୍କରେ ଏପରି ଧାରଣା ରହିଛି ତାହା ହେଲା, ଅବିବାଦୀୟ ସତ୍ୟ, ବିବାଦୀୟ ସତ୍ୟ ଓ ଅଜ୍ଞାତ ସତ୍ୟ। ଅବିବାଦୀୟ ସତ୍ୟ ହେଲା ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମରେ ଅସ୍ତ ଯାଆନ୍ତି। ଜନ୍ମ ହେଲେ ମୃତ୍ୟୁ ନିଶ୍ଚୟ। ଆମ ଚାରିପାଖରେ ଅନେକ ଘଟଣା ଘଟିଯାଉଛି। ତାହାର ମୂଳ କାରଣ ଖୋଜିବାକୁ ଆରମ୍ଭ କଲେ ଅନେକ ବାଦବିବାଦ ଓ ମତପାର୍ଥକ୍ୟ ଦେଇ ଗତି କରିବାକୁ ପଡ଼େ। ପ୍ରମାଣ ଖୋଜୁ ଖୋଜୁ ଘଟଣାର ସତ୍ୟତା ସାମ୍ନାକୁ ଆସେ, ଯାହା ଏପର୍ଯ୍ୟନ୍ତ ଅଜ୍ଞାତ ଅବସ୍ଥାରେ ଥିଲା। ଲେଖକ ମିଶ୍ର ଅନେକ ଉଦାହରଣ ମାଧ୍ୟମରେ ବହିଟିକୁ ପାଠକଙ୍କ ନିକଟରେ ପହଞ୍ଚାଇଛନ୍ତି। ଏହା ପାଠକୀୟ ଆଦୃତି ଲାଭ କଲେ ଲେଖକଙ୍କ ଶ୍ରମ ସାର୍ଥକ ହେବ।

### ଆନନ୍ଦେ ଏକବାର

ଲେଖକ– ବିନୟ କୁମାର ମହାନ୍ତି

ପ୍ରକାଶକ– ଧଉଳି ବୁକ୍ସ, ଓଲ୍ଡ ଟାଉନ, ଭୁବନେଶ୍ୱର, ମୂଲ୍ୟ–୩୯୫ ଟଙ୍କା

କବି ଅଧାପକ ବିନୟ କୁମାର ମହାନ୍ତିଙ୍କ ପ୍ରଥମ କବିତା ସଙ୍କଳନ 'ଆନନ୍ଦେ ଏକବାର'। ଏଥିରେ ୪୧ଟି କବିତା ସ୍ଥାନ ପାଇଛି। କବି ଦୈନନ୍ଦିନ ଜୀବନରେ ଦେଖୁଥିବା ଚରିତ୍ରଗୁଡ଼ିକୁ କବିତା ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି। ସେହି ଯୋଗୁ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା ଲେଖିଛନ୍ତି, 'ବିନୟ ତମର ଅନେକ କବିତା ମୋତେ ଘାରି ରଖୁଛି'। ଛାତିର କ୍ଷତରୁ ଝରି ପଡୁଥାଏ ଟୋପା ଟୋପା ଲହୁ, ଆଖିରୁ ଟୋପା ଟୋପା ଲୁହ କେହି ନ ଦେଖିଲା ପରି। ସେହି ଲୁହ ଆଉ ଲହୁରେ କବି ମହାନ୍ତି ଭିଜିଯାଇଛନ୍ତି। ସତରେ ଗାଁ ମାଟି ଓ ମା' ସବୁବେଳେ ଆପଣାର। ଯେଉଁଠି ଥିଲେ ବି ଦିଶେ ଗାଁ ଧାନ କିଆରି ଓ ଦଳ ପୋଖରୀର ଚିତ୍ର। କବି ପ୍ରକୃତିପ୍ରେମୀ। ଗାଁକୁ ଗଲେ ଧାନ କିଆରିର ଦୃଶ୍ୟକୁ ଖୁବ୍ ନିକଟରୁ ନିରୀକ୍ଷଣ କରନ୍ତି। କବିତାଗୁଡ଼ିକରେ ଗାଁ, ମାଟି ମା, ପ୍ରେମ ପୃଥିବୀର ଚିତ୍ର ବାରି ହୋଇପଡ଼େ। ଆଶା କବି ମହାନ୍ତି ସାରସ୍ୱତ ଜଗତକୁ ଆହୁରି ସମୃଦ୍ଧ କରନ୍ତୁ। ଏ କବିତାଗୁଡ଼ିକ ବିଦଗ୍ଧ ପାଠକ ପାଠିକାଙ୍କୁ ଭିଜେଇଦେବ ଅଜସ୍ର ବର୍ଷାରେ।



# ଆଇସ୍‌କ୍ରିମ୍ ଚାଖିବା ପାଇଁ କୋଟି କୋଟି ଟଙ୍କା ଦରମା

ଛୋଟରୁ ବଡ଼ ସମସ୍ତଙ୍କୁ ଭଲ ଲାଗେ ଥଣ୍ଡା ଥଣ୍ଡା ଆଇସ୍‌କ୍ରିମ୍। ଏହାକୁ ଖାଇବାର କୌଣସି ସୁଯୋଗ କେହି କେବେ ହାତଛଡ଼ା କରନ୍ତି ନାହିଁ। ତେବେ ଜାଣନ୍ତିକି ଏମିତି ଏକ ଚାକିରି ଅଛି ଯେଉଁଥିରେ ବ୍ୟକ୍ତିଙ୍କୁ ସ୍ୱାଦିଷ୍ଟ ଆଇସ୍‌କ୍ରିମ୍ ଚାଖିବାକୁ ମିଳେ, ତା'ସହ ମୋଟା ଅଙ୍କର ଦରମା ବି ମିଳେ। ଏକଥା ଶୁଣି ଯେ କେହି ବି ଏହି ଚାକିରି କରିବାକୁ ଚାହିଁବେ। 'ଆଇସ୍‌କ୍ରିମ୍ ଟେଷ୍ଟର' ନାମକ ଏହି ଚାକିରି ଆମେରିକାର ଜନ୍ ହାରିସନ୍ ନାମକ ବ୍ୟକ୍ତି କରୁଛନ୍ତି। ଆଉ ପାଉଛନ୍ତି କୋଟି କୋଟି ଟଙ୍କା ଦରମା। ୧୯୪୨ରେ ଜନ୍ମିତ ଜନ୍‌ଙ୍କ ଦାଦାଙ୍କର ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରି ଥିଲା। ତେଣୁ ଛୋଟ ବେଳୁ ତାଙ୍କର ଆଇସ୍‌କ୍ରିମ୍ ଖାଇବା



ସଉକ ଥିଲା। ୧୯୫୬ରେ ସେ ଡ୍ରେୟର କମ୍ପାନୀରେ ଯୋଗଦେଇଥିଲେ। ସେତେବେଳେ ସେ ଟେଷ୍ଟର ନ ଥିଲେ। ତେବେ ସେ ଦେଇଥିବା ଟିପ୍ସ ପାଇଁ କମ୍ପାନୀର ଆଇସ୍‌କ୍ରିମ୍‌ର ସ୍ୱାଦ ବଢ଼ିଯାଇଥିଲା। ତେଣୁ ତାଙ୍କୁ ଏହି ପଦବୀରେ ରଖାଗଲା। ତାଙ୍କ ଶିଫ୍ଟ ୫ ଘଣ୍ଟାର ହୋଇଥାଏ। ପ୍ରତିଦିନ ସେ ୬୦ ପ୍ରକାର ଆଇସ୍‌କ୍ରିମ୍ ଚାଖିଥାନ୍ତି। ଆଉ ତା'ର ସମ୍ପୂର୍ଣ୍ଣ ବିବରଣୀ ଲେଖିବା ସହ ସ୍ୱାଦ କିଭଳି ବଢ଼ାଇହେବ ପରାମର୍ଶ ଦେଇଥାନ୍ତି। ଆଉ ଏକ ଖାସ୍ କଥା ହେଉଛି, ସେ ଆଇସ୍‌କ୍ରିମ୍‌ର ଟେଷ୍ଟ ସୁନା ଚାମଚରେ ଖାଇ ଚାଖନ୍ତି। କାରଣ ପ୍ଲାଷ୍ଟିକ୍ ଚାମଚରେ ଖାଇଲେ ସ୍ୱାଦ ବିଗିଡ଼ିଯାଇଥାଏ। ତାଙ୍କ ଜିଭ ଭଲ ସ୍ୱାଦ ଚାଖି ପାରୁଥିବାରୁ ତାଙ୍କୁ ଅନେକ ପ୍ରଶଂସା ମିଳେ। ସେଥିପାଇଁ ନିଜ ଜିଭର ୧୪ କୋଟି ୭୦ ଲକ୍ଷ ଟଙ୍କାର ବୀମା ବି କରାଇଛନ୍ତି। ପୂର୍ବରୁ ସେ ଆଇସ୍‌କ୍ରିମ୍ ଖାଲି ଚାଖୁ ନ ଥିଲେ ବରଂ ଖାଇଦେଉଥିଲେ। ହେଲେ ଏଥିଯୋଗୁ ତାଙ୍କର ଓଜନ ବଢ଼ିଗଲା। ତେଣୁ ଏବେ ସେ ସ୍ୱାଦ ଚାଖି ସମ୍ପୂର୍ଣ୍ଣ ବିବରଣୀ ରେକର୍ଡ କରିବା ପରେ ଆଇସ୍‌କ୍ରିମ୍ ନ ଖାଇ ପକାଇ ଦେଉଛନ୍ତି।

ବ୍ୟାକ୍ ପେଜ୍

# ପାରା ଜିଉଁଛନ୍ତି ଅୟସ ଜୀବନ









ମଣିଷ ଓ ପ୍ରାଣୀଙ୍କ ଭିତରେ ଭଲ ପାଇବାର ସମ୍ପର୍କ କାହିଁ କେବେଠାରୁ ରହି ଆସିଛି। ତେଣୁ ଲୋକେ ଘରେ ଅନେକ ପ୍ରାଣୀ ପୋଷିଥାନ୍ତି। ସେମାନଙ୍କର ଯତ୍ନ ନେଇଥାନ୍ତି। ଇଂଲଣ୍ଡର ଲିଙ୍କନ ଶାୟରରେ ରହୁଥିବା ମେଗି ଜନ୍‌ସନ ବି ପ୍ରାଣୀଙ୍କୁ ବହୁତ ଭଲ ପାଆନ୍ତି। ଖାସ୍ କରି ସେ ପକ୍ଷୀ ପ୍ରିୟ। ଆଉ ସେ ଦୁଇଟି ପାରା ରଖିଛନ୍ତି। ସେ ଏଇ ଦୁଇ ପାରାଙ୍କୁ ଏତେ ଭଲ ପାଆନ୍ତି ଯେ ତାଙ୍କ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି। ପାରା ଦୁଇଟି ବେଶ୍ ଛୋଟ ଥିବାବେଳେ ମେଗି ତାଙ୍କୁ ଏକ ଗଛ ତଳୁ ପାଇଥିଲେ। ଆଉ ଘରକୁ ନେଇ ଆସି ଆଦରର ସହ ଯତ୍ନ ନେଇ ବଡ଼ କଲେ। ନାମ ଦେଲେ ସ୍କାଇ ଓ ମୁଜ୍। ମେଗିଙ୍କ ପାଇଁ ଏଇ ଦୁଇ ପାରା ତାଙ୍କର ସନ୍ତାନ ଭଳି। ତେଣୁ ତାଙ୍କ ପିଛା ସେ ଆଖିବୁଜା ଖର୍ଚ୍ଚ କରନ୍ତି। ଏକ ଗଣମାଧ୍ୟମର ରିପୋର୍ଟ ମୁତାବକ ମେଗି ବାର୍ଷିକ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏଇ ଦୁଇ ପାରାଙ୍କ ପାଇଁ ଖର୍ଚ୍ଚ କରନ୍ତି। ପାରାଙ୍କୁ ସେ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧାନ୍ତି, ଯାହାର ମୂଲ୍ୟ ଅଢ଼େଇରୁ ୩ ହଜାର ଟଙ୍କା। ଏହିଭଳି ୧୭ ଯୋଡ଼ା ପୋଷାକ ପାରାଙ୍କ ପାଇଁ ଅଛି। ଖେଳିବା ପାଇଁ ସଫ୍ଟ ଟୟ ରଖିଛନ୍ତି, ପାରାଙ୍କୁ ସେ ବାହାରକୁ ନେଇ ବୁଲାଇଥାନ୍ତି ମଧ୍ୟ। ତେଣୁ ସେ ଏକ ପିଜନ ଷ୍ଟ୍ରଲର ବି କିଣିଛନ୍ତି। ରହିବା ପାଇଁ ଏୟାର କଣ୍ଡସନର ରୁମ୍‌ର ବ୍ୟବସ୍ଥା କରିଛନ୍ତି। ପାରାଙ୍କ କପଡ଼ା ପାଇଁ ସ୍ୱତନ୍ତ୍ର ୱାର୍ଡରୋବ୍ ଅଛି। ପାରାଙ୍କୁ ସେ ନିଜ ହାତରେ ଖୁଆନ୍ତି। ସେମାନଙ୍କର ଜନ୍ମଦିନ ପାଳନ ପାଇଁ ପାର୍ଟିର ଆୟୋଜନ ବି କରାଯାଏ। ଆଉ ମେଗି ଯୁଆଡ଼େ ବି ଯାଆନ୍ତି ତାଙ୍କୁ ସାଙ୍ଗରେ ନେଇଯାଆନ୍ତି।

# ସବୁଠୁ ଲମ୍ବା ପିଜ୍ଜା



ଗରମ ଗରମ ପିଜ୍ଜାର ସ୍ୱାଦ କାହାକୁ ବା ଭଲ ନ ଲାଗେ। ତେଣୁ ସବୁଠୁ ବଡ ପିସ୍ ପିଜ୍ଜା ଖାଇବାର ଇଚ୍ଛା ସମସ୍ତଙ୍କର ଥାଏ। ଆଉ ଯଦି ଛୋଟ ପିସ୍ ପିଜ୍ଜା ଭାଗରେ ପଡେ ମନ ଖରାପ ହେଇଯାଏ। ତେବେ ଜାଣନ୍ତିକି ସବୁଠୁ ଲମ୍ବା ପିଜ୍ଜାର ଏକ ରେକର୍ଡ ଅଛି। ୨୦୧୭ ଜୁନ ୧୦ ତାରିଖ, ଆମେରିକାର ଫୋଣ୍ଟାନାରେ ତିଆରି ହୋଇଥିଲା ପୃଥିବୀର ସବୁଠାରୁ ଲମ୍ବା ପିଜ୍ଜା। ଏହାର ଲମ୍ବ ୧୯୩୦ ମିଟର ଥିଲା। ଏହି ପିଜ୍ଜା କଥା ଶୁଣି ଖାଇବାକୁ ଲୋଭ ଆସିଯିବଣି। ପିଜ୍ଜାଓଭନ୍.କମ୍, ଭେନିସ୍ ବେକେରୀ, ଓରଲାଣ୍ଡୋ ଫୁଡ୍‌ସ, ଆଟ୍-ପାକ୍, ସିସ୍କୋ, ଟିଏଫ୍ଏକ୍ସ ନନ୍‌ଷ୍ଟିକ୍, କ୍ୟାପଷ୍ଟୋନ୍ ସ୍କାଫୋଲ୍ଡ ସର୍ଭିସେସ୍, ଭଳି ୧୪ଟି ବେକେରୀ ସଂସ୍ଥା ନାମରେ ଏହି ରେକର୍ଡ ରହିଛି। ବଡ଼ ପିଜ୍ଜା ହୋଇଥିବାରୁ ଅଳ୍ପ କିଛି ଲୋକଙ୍କ ଦ୍ୱାରା ତିଆରି ସମ୍ଭବ ନ ଥିଲା। ତେଣୁ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପିଜ୍ଜା କାରିଗର ସାମିଲ ହୋଇଥିଲେ। ଏହି ପିଜ୍ଜାରେ ୮୦୨୮ କି.ଗ୍ରା.ରୁ ଊର୍ଦ୍ଧ୍ୱ ଓଜନର ମଇଦା ଚକଟା, ୨୨୬୭ କି.ଗ୍ରା.ର ଟମାଟୋ ସସ୍, ୧୭୬୯ କି.ଗ୍ରା.ର ମୋଜେରେଲା ଚିଜ୍ ବ୍ୟବହାର ହୋଇଥିଲା। ଆଉ ପିଜ୍ଜା ତିଆରି କରିବାକୁ ୫୪ ଘଣ୍ଟା ସମୟ ଲାଗିଥିଲା। ଏହାକୁ ପ୍ରସ୍ତୁତ କରିବା ପାଇଁ ସ୍ୱତନ୍ତ୍ର ପ୍ରକାରର ଓଭନ ବ୍ୟବହାର କରାଯାଇଥିଲା। ଶେଷରେ ଏହି ଲମ୍ବା ପିଜ୍ଜାକୁ କାଟି ସ୍ଥାନୀୟ ଫୁଡ୍ ବ୍ୟାଙ୍କ ଓ ବାସହୀନଙ୍କ ପାଇଁ ଉଦ୍ଦିଷ୍ଟ ଆବାସସ୍ଥଳୀକୁ ପ୍ରଦାନ କରାଯାଇଥିଲା।